## ଖଣ୍ଡ-୨

# ଅର୍ଥନୀତି ସମ୍ବନ୍ଧରେ


୪. ଅର୍ଥନୀତି – ଏହାର ଅର୍ଥ ଓ ପ୍ରକାର ଭେଦ

୫. ଗୋଟିଏ ଅର୍ଥବ୍ୟବସ୍ଥାର ମୁଖ୍ୟ ସମସ୍ୟା

୬. ଅର୍ଥନୀତିର ମୌଳିକ କାର୍ଯ୍ୟକଳାପ

# ୪

# ଅର୍ଥନୀତି - ଏହାର ଅର୍ଥ ଓ ପ୍ରକାରଭେଦ

ପ୍ରତ୍ୟେକ ଅର୍ଥନୀତିର ଉଦ୍ଦେଶ୍ୟ ହେଉଛି, ଗୋଟିଏ ସମାଜରେ ମିଳୁଥିବା ସୀମିତ ଓ ସ୍ୱଳ୍ପ ସମ୍ବଳକୁ ନେଇ ମାନବୀୟ ଅଭାବ ପୂରଣ କରିବା । ଏହି ଅଭାବଗୁଡ଼ିକ ଦ୍ରବ୍ୟ ଓ ସେବାର ଉତ୍ପାଦନ ଓ ଉପଭୋଗ ଦ୍ୱାରା ପୂରଣ ହୋଇପାରିବ । ଉତ୍ପାଦନ ପାଇଁ ଉତ୍ପାଦନର ଉପାଦାନ ଗୁଡ଼ିକ ଅର୍ଥନୈତିକ କାର୍ଯ୍ୟକଳାପର ନିଯୁକ୍ତ ରହିବା ଦରକାର । ଏହି ଅର୍ଥନୈତିକ କାର୍ଯ୍ୟକଳାପ ତହିଁରେ ନିଯୁକ୍ତ ଥିବା ବିଭାଗ ଗୁଡ଼ିକୁ ଆୟ ଅର୍ଜନ ଆଣିଦିଏ ଯାହା ଉପଭୋଗ ହୁଏ, ସଞ୍ଚୟ ହୁଏ ଅବା ବିନିଯୋଗ ହୁଏ । ଏହି ସାର୍ଥକ ଅର୍ଥନୈତିକ କାର୍ଯ୍ୟକଳାପ କାରଣରୁ ତଥା ସଂଗୃହୀତ ଅର୍ଜନରୁ କିଛି କିଛି ରାଷ୍ଟ୍ର ତ୍ୱରିତ ଉନ୍ନୟନ ବା ଜଲଦି ଉନ୍ନତି କରୁଥିବାବେଳେ ଆଉ କିଛି ରାଷ୍ଟ୍ର ସେପରି ଅଭିବୃଦ୍ଧି ହାସଲ କରି ପାରୁନଥିଲେ । ଫଳରେ କିଛି ରାଷ୍ଟ୍ର ଉନ୍ନତ ରାଷ୍ଟ୍ରର ମାନ୍ୟତା ପାଇଥିଲାବେଳେ ଅନ୍ୟମାନେ ଅନୁନ୍ନତ ବା ବିକାଶଉନ୍ମୋଖୀ ଅର୍ଥନୀତି ରୂପେ ପରିଚିତ । ସେମାନେ ମଧ୍ୟ ଗରୀବ ଓ ଧନୀ ଅର୍ଥନୀତି ରୂପେ ପରିଚିତ । ସମ୍ବଳର ମାଲିକାନାକୁ ନେଇ ବା ଆଧାର କରି ଆମେ ଅର୍ଥନୀତିକୁ ମୂଲ୍ୟାୟନ କରିପାରିବା ମିଳୁଥିବା ସମ୍ବଳ ଘରୋଇ ମାଲିକାନାଭୁକ୍ତ ବା ସରକାରୀ ବା ସାମୂହିକ ମାଲିକାନା ଅନ୍ତର୍ଗତ ହୋଇପାରେ । ଅର୍ଥନୀତିକୁ ଏଣୁ ବିଭିନ୍ନ ଦୃଷ୍ଟିକୋଣରୁ ଦେଖାଯାଇପାରେ ତା'ର ଉନ୍ନତିର ସ୍ତରକୁ ନେଇ ମଧ୍ୟ । ଏହି ଅଧ୍ୟାୟରେ ଆମେ ଏଇ ସବୁ ବିଷୟଗୁଡ଼ିକ ସରଳ ଭାବେ ବୁଝାଇବୁ ଯାହାଫଳରେ ତୁମକୁ ସହଜ ହେବ- ଅର୍ଥନୀତି କହିଲେ ଆମେ କ'ଣ ବୁଝେ ? ଏହାର ପ୍ରକୃତି କ'ଣ ହେବା ଦରକାର ? ଏବଂ ଏହା କେତେ ପ୍ରକାରର ?

## ଉଦ୍ଦେଶ୍ୟ

ଏହି ବିଷୟଟି ପୂର୍ଣ୍ଣାଙ୍ଗ ହେଲେ, ତୁମେ ଜାଣିପାରିବ

- ଅର୍ଥନୀତି କହିଲେ କ'ଣ ବୁଝ ବିଶ୍ଳେଷଣ କରିପାରିବ ।
- ବିଭିନ୍ନ ପ୍ରକାରର ଅର୍ଥନୈତିକ ସଂଗଠନ ମଧ୍ୟରେ ଥିବା ତାରତମ୍ୟ ଏବଂ ସମ୍ବଳକୁ ନେଇ ଏହାର ମାଲିକାନା ଓ ନିୟନ୍ତ୍ରଣ ତଥା ଉନ୍ନୟନ ସ୍ତର ନେଇ ଭିନ୍ନତା ଆଣେ ।
- ଅର୍ଥନୈତିକ ଉନ୍ନୟନ ଓ ଅର୍ଥନୈତିକ ବିକାଶର ଅର୍ଥ କଥା ଆମେ ଜାଣିପାରିବା ।
- ଅର୍ଥନୈତିକ ଉନ୍ନୟନର ପ୍ରମୁଖ ଉପାଦାନ କ'ଣ ଆମେ ଜାଣିପାରିବା ।

## ୪.୧ ଅର୍ଥନୀତି କହିଲେ କ'ଣ ବୁଝାଏ

ଅର୍ଥନୀତି ଏକ ମନୁଷ୍ୟକୃତ ସଂଗଠନ ଯାହା ମାନବୀୟ ଅଭାବର ପୂରଣ କରିଥାଏ । ଏ.ଜେ. ବ୍ରାଉନଙ୍କ ମତରେ "ଅର୍ଥନୀତି ଏପରି ଏକ ବ୍ୟବସ୍ଥା ଯାହା ଦ୍ୱାରା ଆମେ ବଞ୍ଚିବାର ମାର୍ଗ ପାଏ ଜୀବିକାର୍ଜନ କରେ" । ଜୀବିକା ପାଇଁ ମନୁଷ୍ୟ ଯେଉଁ ପ୍ରଚେଷ୍ଟା କରେ ତାହା ସମୟାନୁକ୍ରମେ ଓ ସ୍ଥାନାନ୍ତରଣରେ ବଡ଼ଧରଣର ଭିନ୍ନତା ଆଣିଥାଏ । ଆଦିମ କାଳରେ ଜୀବନଯାପନ ସରଳ ଥିଲା କିନ୍ତୁ ସମାଜର ଅଗ୍ରଗତି ସହିତ ଏହା ଜଟିଳ ହୋଇଯାଇଛି । ଏଠାରେ ପ୍ରଣିଧାନର କଥା ଯେ ମନୁଷ୍ୟ ଯେଉଁ ଜୀବିକା କରିବ ତାହା ନ୍ୟାୟୋଚିତ ଏବଂ ଯୁକ୍ତିଯୁକ୍ତ ହୋଇଥିବା ଦରକାର । ଅନ୍ୟାୟ ଅସତ୍ୟ ମାର୍ଗରେ ଯଥା ଚୋରି ଡକାୟତ କରି ଯେଉଁ ଅର୍ଜନ କରାଯାଏ ତାକୁ ସାର୍ଥକ ଅର୍ଜନ କୁହାଯିବ ନାହିଁ ବା ବ୍ୟବସ୍ଥା ମଧ୍ୟରେ ଥାଇ ଅର୍ଜନ ବୋଲି କୁହାଯିବ ନାହିଁ ।" ଏଣୁ ଏହା ଉଚିତ ହେବ ଯେ ଅର୍ଥନୀତି ଏପରି ଏକ ଛାଞ୍ଚ ବା ଢ଼ାଞ୍ଚା ଯେଉଁଠାରେ ସକଳ ପ୍ରକାରର ଅର୍ଥନୈତିକ କାର୍ଯ୍ୟକଳାପ ସଂଗଠିତ ହୁଏ ।

**ଅର୍ଥନୀତିର କେତୋଟି ମୌଳିକ ବୈଶିଷ୍ଟ୍ୟ ନିମ୍ନରେ ପ୍ରଦତ୍ତ କରାଗଲା-**

୧. ଅର୍ଥନୈତିକ ଅନୁଷ୍ଠାନଗୁଡ଼ିକ ମନୁଷ୍ୟକୃତ । ଅର୍ଥନୀତି ତାହା ଯେମିତି ଆମେ ତାକୁ ତିଆରି କରୁ ବା ଗଢୁ ।

୨. ଅର୍ଥନୈତିକ ଅନୁଷ୍ଠାନଗୁଡ଼ିକୁ ତିଆରି କରାଯାଇପାରିବ, ନଷ୍ଟ କରାଯାଇପାରିବ, ପରିବର୍ତ୍ତନ ବା ବଦଳାଯାଇପାରିବ । ଉଦାହରଣ ସ୍ୱରୂପ ଋଷିଆରୁ ପୁଞ୍ଜିବାଦ କମ୍ୟୁନିଷ୍ଟବାଦ ଦ୍ୱାରା ୧୯୧୭ରେ ଅପସାରିତ ହେଲା ଏବଂ କମ୍ୟୁନିଜମ୍ ବା ସମାଜବାଦ ୧୯୮୯ରେ ବିନିଷ୍ଟ ହୋଇଗଲା ପୂର୍ବ ଋଷିଆରୁ ଧାରାବାହିକ ଅର୍ଥନୈତିକ ସଂସ୍କାର ଦ୍ୱାରା । ଭାରତରେ ୧୯୪୭ ମସିହାର ସ୍ୱାଧୀନତା ପରେ ବିଭିନ୍ନ ସାମାଜିକ ଏବଂ ଅର୍ଥନୈତିକ ସଂସ୍କାର ଦ୍ୱାରା ଆମେ ଜମିଦାରୀ ବ୍ୟବସ୍ଥାକୁ ଉଚ୍ଛେଦ କଲେ ଓ ଭୂସଂସ୍କାର ଲାଗୁ କଲେ ।

୩. ଅର୍ଥନୈତିକ କାର୍ଯ୍ୟକଳାପର ସ୍ତର ପରିବର୍ତ୍ତନଶୀଳ ।

୪. ଉପଭୋକ୍ତା ଓ ଉତ୍ପାଦକାରୀ ହେଉଛି ଗୋଟିଏ ବ୍ୟକ୍ତି । କିନ୍ତୁ ତା'ର ଦ୍ୱୈତ ଭୂମିକା ଥାଏ । ଉତ୍ପାଦକ ହିସାବରେ କାର୍ଯ୍ୟକରି କିଛି ଦ୍ରବ୍ୟ ଓ ସେବା ଉତ୍ପାଦନ କରନ୍ତି ଏବଂ ଉପଭୋକ୍ତା ରୂପେ ତାକୁ ଉପଭୋଗ କରନ୍ତି ।

୫. ଉତ୍ପାଦନ, ଉପଭୋଗ ଏବଂ ନିବେଶ ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ।

୬. ଆଧୁନିକ ଜଟିଳ ଅର୍ଥନୀତିରେ ଆମେ ମୁଦ୍ରାକୁ ବିନିମୟର ମାଧ୍ୟମ ରୂପେ ବ୍ୟବହାର କରୁଛେ ।

୭. ବର୍ତ୍ତମାନ ସରକାରଙ୍କ ଅର୍ଥନୀତିରେ ହସ୍ତକ୍ଷେପକୁ ଅବାଞ୍ଛିତ ବୋଲି ବିବେଚନା କରାଯାଉଛି ଏବଂ ବଜାର ନିୟମରେ ସବୁ କଥା ସ୍ଥିର ହେଉ, ଏହା ପ୍ରତି ଆଗ୍ରହ ପ୍ରତିଟି ପ୍ରକାରର ଅର୍ଥନୀତିରେ ବଢୁଛି ।

## ୪.୨ ଅର୍ଥନୀତିର ପ୍ରକାର ଭେଦ:-

ତୁମେ ଜାଣ ଯେ ଅର୍ଥନୀତି ଏକ ମନୁଷ୍ୟକୃତ ଅନୁଷ୍ଠାନ, ଯାହାକି ସମାଜର ଆବଶ୍ୟକତା ଅନୁଯାୟୀ ସୃଷ୍ଟି କରାଯାଏ, ବିନିଷ୍ଟ କରାଯାଏ ବା ବଦଳାଯାଇପାରିବ । ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଆମେ ଅର୍ଥନୈତିକ ବ୍ୟବସ୍ଥା ମଧ୍ୟରେ ତାରତମ୍ୟ ଦର୍ଶାଇପାରିବା ।

### ୪.୨.୧ ସମ୍ବଳ ବା ଉତ୍ପାଦନର ଉପାଦାନ ଉପରେ ଥିବା ମାଲିକାନାକୁ ନେଇ

ସମ୍ବଳ ବା ଉପାଦାନଗୁଡ଼ିକ ହୁଏତ ଘରୋଇ ମାଲିକାନାରେ ସଂପୂର୍ଣ୍ଣ ସ୍ୱାଧୀନତାର ସହିତ ଲାଭ ପାଇଁ ବ୍ୟବହାର କରାଯାଇପାରେ ଅଥବା ସାମୂହିକ ମାଲିକାନା (ସରକାରୀ ନିୟନ୍ତ୍ରଣ)ରେ ଥାଇ ସମୁଦାୟ ସମାଜର

ମଙ୍ଗଳ ପାଇଁ ପ୍ରୟୋଗ କରାଯାଇପାରେ । ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଲାଭ ପାଇଁ ଥିବା ମନୋବୃତ୍ତିର ଅନୁପାତର ପୃଷ୍ଠଭୂମି ଉପରେ ଅର୍ଥନୀତିଗୁଡ଼ିକୁ ଏପରି କୁହାଯାଇପାରେ ।

(କ) ପୁଞ୍ଜିବାଦ ବା ମୁକ୍ତ ଅର୍ଥନୀତି

(ଖ) ସମାଜବାଦ ବା କେନ୍ଦ୍ରୀୟ ଯୋଜନାକୃତ ଅର୍ଥନୀତି

(ଗ) ମିଶ୍ରିତ ଅର୍ଥନୀତି

ବର୍ତ୍ତମାନ ଏ ସବୁଗୁଡ଼ିକ ଅର୍ଥନୀତିର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ସଂକ୍ଷେପରେ ଆଲୋଚନା କରିବା ।

## କ. ପୁଞ୍ଜିବାଦ ଅର୍ଥନୀତି

ପୁଞ୍ଜିବାଦ ବା ଅବାଧ ଓ ମୁକ୍ତ ଅର୍ଥନୀତି ସର୍ବ ପୁରାତନ ଅର୍ଥନୀତି । ପ୍ରାକ୍ତନ ଅର୍ଥନୀତିଜ୍ଞମାନେ ଅବାଧ ଓ ମୁକ୍ତ ଅର୍ଥନୀତି ସପକ୍ଷରେ ଥିଲେ । ସେମାନେ ସର୍ବନିମ୍ନ ସରକାରୀ ହସ୍ତକ୍ଷେପ ଅର୍ଥନୀତି କାର୍ଯ୍ୟକଳାପରେ ଚାହୁଁଥିଲେ । ନିମ୍ନଲିଖିତ ବୈଶିଷ୍ଟ୍ୟଗୁଡ଼ିକ ଏକ ପୁଞ୍ଜିବାଦ ଅର୍ଥନୀତିରେ ଦେଖିବାକୁ ମିଳେ ।

### (୧) ଘରୋଇ ସମ୍ପତ୍ତି

ପୁଞ୍ଜିବାଦ ବ୍ୟବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିର ଅଧିକାର ଥାଏ, ସମ୍ପତ୍ତି ଅଧିକାର କରିବାର । ବ୍ୟକ୍ତିଟିଏ ସମ୍ପତ୍ତି କରାୟତ୍ତ କରିପାରିବ ଏବଂ ତାହାକୁ ତା ପରିବାରର ଲାଭ ପାଇଁ ବ୍ୟବହାର କରିପାରିବ । ଭୂମି, ଜମି, ଯନ୍ତ୍ରପାତି, ଖଣି, କାରଖାନାର ମାଲିକାନା ନେଇ କୌଣସି କଟକଣା ନଥାଏ, ଲାଭ ଅର୍ଜନ ତଥା ସମ୍ପଦ ଠୁଳ କରିବା ନେଇ ମଧ କିଛି ବାଧକ ନଥାଏ । ବ୍ୟକ୍ତିଟିର ମୃତ୍ୟୁପରେ ତା'ର ସମ୍ପତ୍ତି, ଜମିବାଡ଼ି ଆଦି ସ୍ୱତଃ ତା'ର ଆଇନଗତ ଉତ୍ତରାଧିକାରୀମାନଙ୍କୁ ହସ୍ତାନ୍ତର ହୋଇଥାଏ । ଫଳରେ ଉତ୍ତରାଧିକାରୀସୂତ୍ରରେ ଘରୋଇ ସମ୍ପତ୍ତିର ପ୍ରକ୍ରିୟା ସମୟକ୍ରମେ ବଜାୟ ରହିଯାଏ ।

### (୨) ବ୍ୟବସାୟ ବା ଉଦ୍ୟୋଗର ସ୍ୱାଧୀନତା

ଏକ ପୁଞ୍ଜିବାଦ ଅର୍ଥନୀତିରେ ସରକାର ଉତ୍ପାଦନ ସମ୍ବନ୍ଧୀୟ ନିଷ୍ପତ୍ତି ଲୋକଙ୍କ ପାଇଁ ନେଇନଥାନ୍ତି । ବ୍ୟକ୍ତିଟିଏ ବା ବ୍ୟକ୍ତିବିଶେଷ ଯେ କୌଣସି ବୃତ୍ତି ଆପଣାଇବା ପାଇଁ କିଛି କଟକଣା ନଥାଏ । ଔଦ୍ୟୋଗିକ ସ୍ୱାଧୀନତା ସୂଚାଏ ଯେ ବ୍ୟବସାୟିକ ସଂସ୍ଥାମାନେ ଅବାଧରେ ସମ୍ବଳ ଅକ୍ତିଆର କରିପାରିବେ ଏବଂ ଯାହା ଚାହିଁବେ ସେପରି ଦ୍ରବ୍ୟ ଓ ସେବା ଉତ୍ପାଦନ କରିପାରିବେ । ସଂସ୍ଥାମାନେ ମଧ ଅବାଧରେ ସେମାନଙ୍କ ଉତ୍ପାଦିତ ବସ୍ତୁ ସେମାନଙ୍କ ଇଚ୍ଛାରେ ବଜାରରେ ବିକ୍ରୟ କରିପାରିବେ । ଜଣେ ଶ୍ରମିକ ତା ଇଚ୍ଛାରେ ତା'ର ମାଲିକ ବା ନିଯୁକ୍ତିକର୍ତ୍ତାକୁ ବାଛିପାରେ । କ୍ଷୁଦ୍ର ବ୍ୟବସାୟିକ ସଂସ୍ଥାରେ ମାଲିକ ନିଜେ ନିଷ୍ପତ୍ତି ନିଅନ୍ତି ଏବଂ ଦାୟିତ୍ୱ ନିଅନ୍ତି କ'ଣ ଉତ୍ପାଦନ ହେବ ଏବଂ ଲାଭ ବା କ୍ଷତି ସେଇ ଅନୁଯାୟୀ ଅର୍ଜନ କରନ୍ତି । କିନ୍ତୁ ଆଧୁନିକ କର୍ପୋରେସନମାନଙ୍କରେ ଅଂଶୀଦାରମାନେ ବ୍ୟବସାୟିକ ବିପଦ ବରଣ କରନ୍ତି ଅଥଚ ଦରମାଭୁକ୍ତ ନିର୍ଦ୍ଦେଶକମାନେ ବ୍ୟବସାୟ ପରିଚାଳନା କରନ୍ତି । ଏଣୁ ନିଜ ପୁଞ୍ଜିର ବ୍ୟକ୍ତିଗତ ପରିଚାଳନା, ତଦାରଖ ଦରକାର ନାହିଁ ଲାଭ ଅର୍ଜନ ପାଇଁ । ସରକାର ବା ସେପରି କୌଣସି ସଂସ୍ଥା ଶ୍ରମିକଙ୍କର କୌଣସି ଶିଳ୍ପରୁ ପ୍ରବେଶ ଓ ପ୍ରସ୍ଥାନ ନେଇ କଟକଣା ବା ବାଧକ ନଥାଏ । ଜଣେ ଶ୍ରମିକ ସ୍ଥିର କରେ ସେ ସେଠାରେ କାମ କରିବ, ଯେଉଁଠାରେ ତାକୁ ସର୍ବାଧିକ ମଜୁରୀ ମିଳିବ ।

### (୩) ଉପଭୋକ୍ତାର ସାର୍ବଭୌମତ୍ୱ

ଏକ ପୁଞ୍ଜିବାଦ ଅର୍ଥନୀତିରେ ଖାଉଟି ହେଉଛି ରାଜା । ସେମାନେ ସଂପୂର୍ଣ୍ଣ ସ୍ୱାଧୀନ ସେମାନଙ୍କର ଆୟକୁ ସେଇ ଦ୍ରବ୍ୟ ଓ ସେବାରେ ଖର୍ଚ୍ଚ କରିବେ ଯାହା ତାଙ୍କୁ ସର୍ବାଧିକ ସନ୍ତୋଷ ଦେବ । ପୁଞ୍ଜିବାଦ ଅର୍ଥନୀତିରେ ଉତ୍ପାଦନ ଖାଉଟିର ପସନ୍ଦ ଅନୁଯାୟୀ ନିୟନ୍ତ୍ରିତ ହୋଇଥାଏ । ଉପଭୋକ୍ତାର ଏଇ ସ୍ୱାଧୀନତା ହିଁ ଉପଭୋକ୍ତାର ସାର୍ବଭୌମତ୍ୱ ।

### (୪) ଲାଭ ଉଦ୍ଦେଶ୍ୟ

ବ୍ୟକ୍ତି ସ୍ୱାର୍ଥ ପୁଞ୍ଜିବାଦର ମୂଳ ମନ୍ତ୍ର । ଉଦ୍ୟୋଗୀମାନେ ଏ କଥା ଜାଣନ୍ତି ଯେ ଉତ୍ପାଦନର ଉପାଦାନଗୁଡ଼ିକୁ ଦେୟ ଦେଇସାରିଲା ପରେ ସେମାନେ ଲାଭ ଅବା କ୍ଷତି କରିବେ । ସେଥିପାଇଁ ଖର୍ଚ୍ଚ କମ୍ କରି ଏବଂ ରାଜସ୍ୱ ବୃଦ୍ଧି କରି ସର୍ବାଧିକ ଲାଭ ଅର୍ଜନ କରିବା ପାଇଁ ଏମାନେ ସଦାସର୍ବଦା ଚେଷ୍ଟିତ । ଏହା ହିଁ ପୁଞ୍ଜିବାଦ ଅର୍ଥନୀତିକୁ ଦକ୍ଷ ଏବଂ ସ୍ୱନିୟନ୍ତ୍ରିତ କରିଥାଏ ।

### (୫) ପ୍ରତିଦ୍ୱନ୍ଦିତା

ପୁଞ୍ଜିବାଦ ଅର୍ଥନୀତିରେ କୌଣସି ବ୍ୟବସାୟିକ ସଂସ୍ଥା ପ୍ରତି ପ୍ରବେଶ ଓ ପ୍ରସ୍ଥାନର କଟକଣା ନଥାଏ । ଗୋଟିଏ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଓ ସେବା ଯୋଗାଇବା ପାଇଁ ବହୁତ ଗୁଡ଼ିଏ ଉତ୍ପାଦନକାରୀ ଥାଆନ୍ତି ଏଣୁ ସ୍ୱାଭାବିକ ଲାଭଠାରୁ ଅଧିକା ଲାଭ କେହି ଉଠାଇପାରନ୍ତି ନାହିଁ । ପ୍ରତିଦ୍ୱନ୍ଦିତା ପୁଞ୍ଜିବାଦ ଅର୍ଥନୀତିର ମୌଳିକ ଚରିତ୍ର ଏବଂ ଆବଶ୍ୟକତା ଖାଉଟିକୁ ହନ୍ତସନ୍ତରୁ ସୁରକ୍ଷା ଦେବାପାଇଁ । ଅବଶ୍ୟ ଆଜିକାଲି ବୃହତ ସଂସ୍ଥାଗୁଡ଼ିକର ନିର୍ଦ୍ଦିଷ୍ଟ ସାମଗ୍ରୀ ଉତ୍ପାଦନ କାରଣରୁ **(Monopolistic)** ଏକାଧିକାରମୂଳକ ମନୋବୃତ୍ତି ବୃଦ୍ଧିପାଉଛି ତା ସତ୍ତ୍ୱେ ବି ପ୍ରତିଦ୍ୱନ୍ଦିତା ବହୁ ସଂସ୍ଥା ମଧ୍ୟରେ ଅଛି ।

### (୬) ବଜାର ଓ ଦରଦାମ୍‌ର ଗୁରୁତ୍ୱ

ପୁଞ୍ଜିବାଦ ଅର୍ଥନୀତିର ବୈଶିଷ୍ଟ୍ୟ ଘରୋଇ ସମ୍ପତ୍ତି, ପସନ୍ଦ କରିବାର ସ୍ୱାଧୀନତା, ଲାଭର ଉଦ୍ଦେଶ୍ୟ ଏବଂ ପ୍ରତିଦ୍ୱନ୍ଦିତା, ଅବାଧ ଏବଂ ମୁକ୍ତ ଦରଦାମ୍ ବା ବଜାର କୌଶଳକୁ ସୁଯୋଗ ଦେଇଥାଏ । ପୁଞ୍ଜିବାଦ ଏକ ବଜାରଭିତ୍ତିକ ଅର୍ଥନୀତି ଯେଉଁଠି ପ୍ରତ୍ୟେକ ବସ୍ତୁର ଦାମ୍ ଅଛି । କୌଣସି ଏକ ଶିଳ୍ପରେ ଚାହିଦା ଓ ଯୋଗାଣର ସ୍ଥିତି ସେଇ ସାମଗ୍ରୀର ଦର ସ୍ଥିର କରିଥାଏ । ଯେଉଁ ବ୍ୟବସାୟିକ ସଂସ୍ଥାଗୁଡ଼ିକ ନିଜକୁ ଏକ ନିର୍ଦ୍ଦିଷ୍ଟ ଦରରେ ଖାପ ଖୁଆଇ ପାରନ୍ତି ସେମାନେ ସାଧାରଣ ଭାବେ ଲାଭ କରିଥାନ୍ତି । କିନ୍ତୁ ଯେଉଁ ସଂସ୍ଥା ଏହା କରିପାରେନି ସେମାନେ ବେଳେବେଳେ ସେ ଶିଳ୍ପ ଛାଡ଼ିବାକୁ ବାଧ୍ୟ ହୁଅନ୍ତି । ଜଣେ ଉତ୍ପାଦକ ସେଇ ସାମଗ୍ରୀ ଉତ୍ପାଦନ କରିବ, ଯାହା ତାକୁ ଅଧିକ ଲାଭ ହେବ ।

### (୭) ସରକାରୀ ହସ୍ତକ୍ଷେପ ନ ଥାଏ

ଏକ ପୁଞ୍ଜିବାଦ ତଥା ମୁକ୍ତ ଅର୍ଥନୀତିରେ ଦରଦାମ୍ ହିଁ ସବୁକ୍ଷେତ୍ରରେ ସମନ୍ୱୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ସରକାରୀ ସହାୟତା ଓ ହସ୍ତକ୍ଷେପ ଆବଶ୍ୟକ ପଡ଼ିନଥାଏ । ସରକାରର ଭୂମିକା ହେଉଛି ଅବାଧ ଓ ଦକ୍ଷ ରୂପେ କିପରି ବଜାର ଅର୍ଥନୀତି ପରିଚାଳିତ ହେବ ସେଥିନେଇ ସହାୟତା ଦେବ ।

### (୮) ବର୍ତ୍ତମାନ ପୃଥିବୀରେ ପୁଞ୍ଜିବାଦ

ବର୍ତ୍ତମାନର ପୃଥିବୀରେ ଖାଣ୍ଟି ପୁଞ୍ଜିବାଦ ଦେଖିବାକୁ ମିଳୁନାହିଁ । ଆମେରିକା, ୟୁକେ, ଫ୍ରାନ୍ସ, ନେଦରଲାଣ୍ଡ, ସ୍ପେନ୍, ପର୍ତ୍ତୁଗାଲ, ଅଷ୍ଟ୍ରେଲିଆ ଆଦି ରାଷ୍ଟ୍ରର ଅର୍ଥନୀତିକୁ ପୁଞ୍ଜିବାଦ ଅର୍ଥନୀତି କୁହାଯାଉଛି ଯେଉଁଠି, ଏଠିକାର ସରକାରମାନଙ୍କର ଅର୍ଥନୈତିକ ଉନ୍ନୟନରେ ସକ୍ରିୟ ଭୂମିକା ରହିଛି ।

## ଖ. ସମାଜବାଦ ଅର୍ଥନୀତି

ସମାଜବାଦ ଅର୍ଥନୀତି ବା କେନ୍ଦ୍ରୀୟ ଯୋଜନାଭୁକ୍ତ ଅର୍ଥନୀତିରେ ଉତ୍ପାଦନର ସମସ୍ତ ସମ୍ବଳ ସରକାରଙ୍କ ମାଲିକାନା ଓ ନିୟନ୍ତ୍ରଣରେ ଥାଏ, ସମାଜର ସାଧାରଣ ହିତ ଦୃଷ୍ଟିରୁ । ଏକ କେନ୍ଦ୍ରୀୟ ଯୋଜନା ପ୍ରଣୟନକାରୀ ସଂସ୍ଥା ସମସ୍ତ ପ୍ରକାରର ନିଷ୍ପତ୍ତି ନେଇଥାଏ । ଏକ ସମାଜବାଦ ଅର୍ଥନୀତିରେ ନିମ୍ନଲିଖିତ ବୈଶିଷ୍ଟ୍ୟଗୁଡ଼ିକ ଦେଖିବାକୁ ମିଳିଥାଏ ।

### (୧) ଉତ୍ପାଦନର ଉପାଦାନ ଉପରେ ଥିବା ସାମୂହିକ ମାଲିକାନା

ଏକ ସମାଜବାଦ ଅର୍ଥନୀତିରେ ଉତ୍ପାଦନର ଉପାଦାନଗୁଡ଼ିକ ଜନସାଧାରଣଙ୍କ ପକ୍ଷରୁ ସରକାରୀ ମାଲିକାନାଭୁକ୍ତ ହୋଇଥାଏ । ଘରୋଇ ସମ୍ପଦ / ସମ୍ପତ୍ତି ବ୍ୟବସ୍ଥା ଉଚ୍ଛେଦ କରାଯାଏ, ବ୍ୟକ୍ତିବିଶେଷ କୌଣସି ଉତ୍ପାଦନ ସଂସ୍ଥାର ମାଲିକ ହେବାକୁ ବାରଣ କରାଯାଏ ଓ ସମ୍ପତ୍ତିକୁ ଠୁଳ କରି ଉତ୍ତରାଧିକାରୀ

ସୂତ୍ରରେ ହସ୍ତାନ୍ତର କରିବାର ସୁବିଧା ନଥାଏ । ତେବେ କିନ୍ତୁ ଜନସାଧାରଣଙ୍କୁ ଦୀର୍ଘସ୍ଥାୟୀ ଖାଉଟି ଦ୍ରବ୍ୟ ଓ ହାସଲ କରିବାକୁ ଓ ବ୍ୟକ୍ତିଗତ ବ୍ୟବହାରର ସୁଯୋଗ ଦିଆଯାଏ ।

**(୨) ସମାଜ ମଙ୍ଗଳ ଉଦ୍ଦେଶ୍ୟ**

ବ୍ୟକ୍ତିଗତ ମୁନାଫା ପରିବର୍ତ୍ତେ, ସରକାରୀ ସ୍ତରରେ ସାମୂହିକ ଉଦ୍ଦେଶ୍ୟରେ ସର୍ବାଧିକ ମଙ୍ଗଳ ଲକ୍ଷ୍ୟରେ ନିଷ୍ପତ୍ତିମାନ ନିଆଯାଏ । ଚାହିଦା ଓ ଯୋଗାଣ ତତ୍ତ୍ୱଗୁଡ଼ିକ କୌଣସି ଗୁରୁତ୍ୱ ବହନ କରନ୍ତି ନାହିଁ । ଜନମଙ୍ଗଳକୁ ଆଖି ଆଗରେ ରଖି ସତର୍କତାର ସହିତ ନିଷ୍ପତ୍ତି ନେବାକୁ ହୋଇଥାଏ ।

**(୩) କେନ୍ଦ୍ରୀୟ ଯୋଜନା**

ଯୋଜନା ଅର୍ଥନୀତି ସମାଜବାଦ ଅର୍ଥନୀତିର ଏକ ଅବିଚ୍ଛିନ୍ନ ଅଙ୍ଗ । କେନ୍ଦ୍ରୀୟ ଯୋଜନାକାରୀମାନେ ଜାତୀୟ ଅଗ୍ରାଧିକାର ଏବଂ ସମ୍ବଳର ପ୍ରାପ୍ତିକୁ ଆଖି ଆଗରେ ରଖି ସମ୍ବଳ ବିନିଯୋଗ କରିଥାନ୍ତି । ସରକାର ବର୍ତ୍ତମାନ ଓ ଭବିଷ୍ୟତକୁ ଆଖି ଆଗରେ ରଖି, ଚିନ୍ତା କରି ଉତ୍ପାଦନ, ଉପଭୋଗ ଏବଂ ନିବେଶ / ବିନିଯୋଗ ସଂପର୍କୀୟ ନିଷ୍ପତ୍ତି ନେଇଥାଆନ୍ତି । ଯୋଜନା ଅଧିକାରୀମାନେ ଲକ୍ଷ୍ୟ ସ୍ଥିର କରନ୍ତି ବିଭିନ୍ନ ବିଭାଗ ପାଇଁ ଏବଂ ସେଥିନିମିତ୍ତ ସମ୍ବଳର ସୁଦକ୍ଷ ବିନିଯୋଗ ପ୍ରତି ସଜାଗ ଥାଆନ୍ତି ।

**(୪) ଆର୍ଥିକ ତାରତମ୍ୟର ହ୍ରାସ**

ଘରୋଇ ସମ୍ପତ୍ତି ଓ ଉତ୍ତରାଧିକାରୀ ସୂତ୍ରରେ ଭୋଗଦଖଲ ପୁଞ୍ଜିବାଦ ଅର୍ଥନୀତିରେ ଆୟ ଓ ସମ୍ପଦ ନେଇ ଆର୍ଥିକ ତାରତମ୍ୟର ବା ବୈଷମ୍ୟର ମୂଳକାରଣ । ଏଇ ଦୁଇଟି ବ୍ୟବସ୍ଥାକୁ ନିରାକରଣ କରି, ଉଚ୍ଛେଦ କରି ସମାଜବାଦ ଅର୍ଥନୀତି ବ୍ୟବସ୍ଥା ଆୟରେ ଥିବା ବୈଷମ୍ୟକୁ ହ୍ରାସ କରିଥାଏ । ପ୍ରଣିଧାନର କଥା କିନ୍ତୁ ଆୟ ଓ ସମ୍ପଦର ପୂର୍ଣ୍ଣାଙ୍ଗ ସମତା, ନାଁ ସମ୍ଭବ, ନାଁ ଆବଶ୍ୟକ ।

**(୫) ଶ୍ରେଣୀ ସଂଘର୍ଷ ନଥାଏ**

ପୁଞ୍ଜିବାଦ ଅର୍ଥନୀତିରେ ଶ୍ରମିକ ଓ ମାଲିକଙ୍କ ସ୍ୱାର୍ଥ ଅଲଗା/ଭିନ୍ନ । ଉଭୟ ବ୍ୟକ୍ତିଗତ ସ୍ୱାର୍ଥ ଅର୍ଜନ ଓ ଲାଭ ପାଇଁ ଇଚ୍ଛୁକ । ଏହାହିଁ ପୁଞ୍ଜିବାଦରେ ଶ୍ରେଣୀ ସଂଘର୍ଷର କାରଣ । ସମାଜବାଦ ଅର୍ଥନୀତିରେ ଶ୍ରେଣୀ, ଶ୍ରେଣୀ ମଧ୍ୟରେ ପ୍ରତିଦ୍ୱନ୍ଦିତା ନଥାଏ । ପ୍ରତ୍ୟେକ ଜଣେ ଜଣେ ଶ୍ରମିକ ଏଣୁ ଶ୍ରେଣୀ ସଂଘର୍ଷ ସେଠାରେ ନଥାଏ । ସମସ୍ତେ ସହଜାତ ଶ୍ରମିକ ।

**"ଆଜିର ଦୁନିଆରେ ସମାଜବାଦ"**

ଋଷିଆ, ଚୀନ ଏବଂ କେତେକ ପୂର୍ବ ଇଉରୋପୀୟ ରାଷ୍ଟ୍ର ସମାଜବାଦୀ ରାଷ୍ଟ୍ର ରୂପେ ପରିଗଣିତ । କିନ୍ତୁ ସେମାନେ ବର୍ତ୍ତମାନ ପରିବର୍ତ୍ତନ ମାର୍ଗରେ ଏବଂ ସେମାନଙ୍କ ଦେଶରେ ଅର୍ଥନୈତିକ ଉନ୍ନୟନ ପାଇଁ ଉଦାରବାଦୀ ଅର୍ଥନୈତିକ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରୁଛନ୍ତି ।

## ଗ. ମିଶ୍ରିତ ଅର୍ଥନୀତି

ଏକ ମିଶ୍ରିତ ଅର୍ଥନୀତି ଉଭୟ ପୁଞ୍ଜିବାଦ ଓ ସମାଜବାଦର ଶ୍ରେଷ୍ଠ ଗୁଣଗୁଡ଼ିକ ଆହରଣ କରିଥାଏ । ଏଣୁ ମିଶ୍ରିତ ଅର୍ଥନୀତିରେ ପୁଞ୍ଜିବାଦର ମୁକ୍ତ ତଥା ଅବାଧ ଅର୍ଥନୈତିକ ବ୍ୟବସ୍ଥା ସହିତ ସରକାର ନିୟନ୍ତ୍ରିତ ସମାଜବାଦ ଅର୍ଥନୀତିର ଗୁଣ ସବୁ ମିଶିରହିଥାଏ । ସର୍ବସାଧାରଣ ବା ସରକାରୀ ଉଦ୍ୟୋଗ ଓ ଘରୋଇ ଉଦ୍ୟୋଗ ଉଭୟ ମିଶ୍ରିତ ଅର୍ଥନୀତିରେ ଉପସ୍ଥିତ ଓ ସହଭାଗୀ ହୋଇଥାଆନ୍ତି । ମିଶ୍ରିତ ଅର୍ଥନୀତିର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଏପରି -

**୧. ଉଭୟ ସାଧାରଣ ବା ସରକାରୀ ଉଦ୍ୟୋଗ ଓ ଘରୋଇ ଉଦ୍ୟୋଗର ଅବସ୍ଥିତି**

ଘରୋଇ ଉଦ୍ୟୋଗ କହିଲେ ଘରୋଇ ମାଲିକାନାରେ ଥାଇ ଲାଭ ପାଇଁ ଉଦ୍ଦେଶ୍ୟ ରଖି ଉତ୍ପାଦକ ସଂସ୍ଥା କାର୍ଯ୍ୟ କରିବାକୁ ବୁଝାଏ । ସରକାରୀ ସଂସ୍ଥା ସେହି ଉତ୍ପାଦନ ସଂସ୍ଥାକୁ ବୁଝାଏ ଯାହା ସମାଜ ମଙ୍ଗଳ ଉଦ୍ଦେଶ୍ୟରେ କାର୍ଯ୍ୟ କରେ । ଅର୍ଥନୈତିକ କାର୍ଯ୍ୟକଳାପର ପ୍ରତ୍ୟେକ କ୍ଷେତ୍ର ସାଧାରଣତଃ ବିଭାଜିତ । ଉଭୟ ଉଦ୍ୟୋଗର କ୍ଷେତ୍ର, ସୀମା-ସରହଦ ସ୍ଥିର କରାଯାଇଥାଏ, ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ । ସରକାର ତାଙ୍କ ଲାଇସେନ୍ସ ନୀତି, ଟିକସ ନୀତି, ଦରଦାମ୍ ନୀତି, ଆର୍ଥିକ ତଥା ବିତ୍ତୀୟ ନୀତିକୁ ଘରୋଇ ଉଦ୍ୟୋଗ ବା ସଂସ୍ଥାକୁ ନିୟନ୍ତ୍ରିତ କରିବା ପାଇଁ ପ୍ରୟୋଗ କରନ୍ତି ।

### ୨. ବ୍ୟକ୍ତି ସ୍ୱାଧୀନତା

ବ୍ୟକ୍ତିବିଶେଷ ଅର୍ଥନୈତିକ କାର୍ଯ୍ୟକଳାପ କରିଥାନ୍ତି ନିଜର ବ୍ୟକ୍ତିଗତ ଆୟ ଅର୍ଜନକୁ ସର୍ବାଧିକ କରିବାପାଇଁ । ସେମାନେ ସ୍ୱତନ୍ତ୍ର ଓ ସ୍ୱାଧୀନ ଯେକୌଣସି ବୃତ୍ତି ଆପଣାଇବାକୁ ଓ ନିଜ ପସନ୍ଦ ଅନୁଯାୟୀ ଉପଭୋଗ କରିବାକୁ । କିନ୍ତୁ ଉତ୍ପାଦନକାରୀମାନଙ୍କ ସ୍ୱାଧୀନତା ନଥାଏ ଖାଉଟି ଓ ଶ୍ରମିକକୁ ଶୋଷଣ କରିବାକୁ । ସରକାର ସମସ୍ତଙ୍କ ମଙ୍ଗଳକୁ ଆଖି ଆଗରେ ରଖି କିଛି କଟକଣା ଏଥିରେ ଲଗାଇଥାନ୍ତି । ଉଦାହରଣସ୍ୱରୂପ କ୍ଷତିକାରକ ଦ୍ରବ୍ୟ ବା ସାମଗ୍ରୀର ଉତ୍ପାଦନ ଓ ଉପଭୋଗ ଉପରେ ସରକାର କଟକଣା ଲଗାଇପାରନ୍ତି । କିନ୍ତୁ ସରକାରୀ ନିୟମ ନିୟନ୍ତ୍ରଣ ଓ କଟକଣା ଭିତରେ ବି ସମାଜର ମଙ୍ଗଳ ପାଇଁ ଘରୋଇ ସଂସ୍ଥା ସଂପୂର୍ଣ୍ଣ ସ୍ୱାଧୀନତା ଉପଭୋଗ କରେ ।

### ୩. ଆର୍ଥିକ ଯୋଜନା

ଅର୍ଥନୀତିର ଉନ୍ନୟନ ପାଇଁ ସରକାର ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରି ଘରୋଇ ସଂସ୍ଥା ଓ ସରକାରୀ ସଂସ୍ଥାର ଭୂମିକା କ'ଣ ହେବ ସ୍ଥିର କରିଥାନ୍ତି । ସରକାରୀ ଉଦ୍ୟୋଗ ସରକାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଥାନ୍ତି ଏଣୁ ଉତ୍ପାଦନ ଲକ୍ଷ୍ୟ ଓ ଯୋଜନାର ରୂପାୟନ ସେମାନଙ୍କ ପାଇଁ ପ୍ରତ୍ୟକ୍ଷ ଭାବେ ପ୍ରସ୍ତୁତ କରାହୁଏ । ରାଷ୍ଟ୍ରର ପ୍ରାଥମିକତା ଅନୁଯାୟୀ ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହନ, ସାହାଯ୍ୟ, ସହାନୁଭୂତି ଓ ସବ୍‌ସିଡି ବା ସହାୟତା ଆଦି ଦିଆଯାଇଥାଏ ।

### (୪) ବଜାର କୌଶଳ - ଦରଦାମ୍ କୌଶଳ (Market-Price Mechanism)

ଦରଦାମ ସମ୍ବଳ ବିନିଯୋଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । କେତେକ କ୍ଷେତ୍ରପାଇଁ ପ୍ରଶାସିନିକ ଦର ଆପଣାଇବାକୁ ପଡ଼ିଥାଏ । ସରକାର ମଧ୍ୟ ନିର୍ଦ୍ଦିଷ୍ଟ ଗୋଷ୍ଠୀପତି ଆର୍ଥିକ ସହାୟତା ଦେଇଥାନ୍ତି । ସରକାରଙ୍କ ଲକ୍ଷ୍ୟ ହେଉଛି ଜନତାଙ୍କର ସର୍ବାଧିକ ମଙ୍ଗଳ କାମନା ହାସଲ କରିବା । ଯେଉଁମାନେ ବଜାର ଦରରେ କିଣିବାକୁ ଅକ୍ଷମ ବା ଅସମର୍ଥ ସରକାର ସେମାନଙ୍କୁ ସେଇସବୁ ପଦାର୍ଥ ମାଗଣା ବା ବଜାର ଦରଠାରୁ କମରେ ଆର୍ଥିକ ସହାୟତା ଦେଇ ଯୋଗାଇ ଦେଇଥାନ୍ତି । ଏଣୁ ମିଶ୍ରିତ ଅର୍ଥନୀତିରେ ଜନସାଧାରଣ ବ୍ୟକ୍ତି ସ୍ୱାଧୀନତା ଉପଯୋଗ କରୁଥିବା ସହିତ ସରକାର ସମଜର ଦୁର୍ବଳ ଶ୍ରେଣୀର ସ୍ୱାର୍ଥରକ୍ଷାପାଇଁ ସହାୟତା ଓ ସମର୍ଥନ ଦେଇଥାଏ ।

ଭାରତୀୟ ଅର୍ଥନୀତିକୁ ମିଶ୍ରିତ ଅର୍ଥନୀତି ରୁପେ ବିଚାର କରାଯାଏ ଯେହେତୁ ସରକାରୀ ଏବଂ ଘରୋଇ ସଂସ୍ଥାସୀମା ନିର୍ଦ୍ଧାରଣ କରାଯାଇଛି ତଥା ଏହାର କାର୍ଯ୍ୟକାରୀତା ଓ ଅର୍ଥନୈତିକ ଯୋଜନା ରୁପାୟନ କରାଯାଉଛି । ଏପରିକି ୟୁଏସଏ, ୟୁକେ ଦେଶ ପରି ଯେଉଁମାନେ ପୁଂଜିବାଦ ତାଷ୍ଟ୍ରରୁପେ ପରିଗଣିତ ସେମାନେ ମଧ୍ୟ ମିଶ୍ରିତଅର୍ଥନୀତି ରୁପେ ପରିଚିତ ହେଉଛନ୍ତି କାରଣ ସେଠିକାର ସରକାରର ଅର୍ଥନୈତିକ ଉନ୍ନୟନ ନିମିତ୍ତ ସକ୍ରିୟ ଯୋଗଦାନ କାରଣରୁ ।

### ପାଠ୍ୟ ପ୍ରଶ୍ନାବଳୀ ୪.୧

(୧) ଏଥିମଧ୍ୟରୁ କେଉଁଟି ଠିକ୍ ବା ଭୁଲ ଦର୍ଶାଅ ।

(୨) ସମ୍ବଳର ମାଲିକାନାକୁ ନେଇ ଆମେ ଗୋଟିଏ ଅର୍ଥନୀତିକୁ ଧନୀ ବା ଦରିଦ୍ର ଅର୍ଥନୀତି କହିବ ।

(୩) ସମାଜବାଦ ଅର୍ଥନୀତି ସର୍ବାଧିକ ସମାଜମଙ୍ଗଳ ଲକ୍ଷ୍ୟ ରଖିଥାଏ ।

(୪) ଚୟନର ସ୍ୱାଧୀନତା, ସର୍ବାଧିକ ଲାଭ ଏବଂ ଘରୋଇ ସମ୍ପତ୍ତି ହେଉଛି ଏକ ସମାଜବାଦ ଅର୍ଥନୀତିର ବୈଶିଷ୍ଟ୍ୟ ।

(୫) ଏକ ମିଶ୍ରିତ ଅର୍ଥନୀତିରେ ଉଭୟ ସରକାରୀ ଓ ଘରୋଇ ସଂସ୍ଥା ସହାବସ୍ଥାନ କରିଥାନ୍ତି ।

୨. "ବନ୍ଧନୀ ମଧ୍ୟରେ ଥିବା ଶବ୍ଦକୁ ଆଣି ଶୂନ୍ୟସ୍ଥାନ ପୁରଣ କର ।"

(୧) ଦରଦାମ କୌଶଳ ------------- ନେଇଥାଏ ପୁଞ୍ଜିବାଦ ବା ମୁକ୍ତ ଅର୍ଥନୀତିରେ ।

(ଅତିଗୁରୁତ୍ୱପୂର୍ଣ୍ଣ / ଖୁବ୍ ସୀମିତ ଭୂମିକା)

(୨) ଚୟନରେ କରିବାର ସ୍ୱାଧୀନତାକୁ ପୁଞ୍ଜିବାଦ ଅର୍ଥନୀତିରେ ------------- କୁହାଯାଏ ।
(ଖାଉଟି ସାର୍ବଭୌମତ୍ୱ /ଖାଉଟି ଉଦ୍‌ବୃତ୍ତ)

(୩) ସମାଜବାଦ ଅର୍ଥନୀତିଗୁଡ଼ିକ ------------- ଅର୍ଥନୀତି (କେନ୍ଦ୍ରୀୟ ଯୋଜନାଭୁକ୍ତ / ବିକେନ୍ଦ୍ରିତ)

(୪) ଜନସାଧାରଣ ସମ୍ପଦ ଠୁଳ କରିପାରିବେ ଓ ହସ୍ତାନ୍ତର କରିପାରିବେ ସେମାନଙ୍କ ଆଇନାନୁମୋଦିତ ଉତ୍ତରାଧିକାରୀମାନଙ୍କୁ ------------- ଅର୍ଥନୀତିରେ (ପୁଞ୍ଜିବାଦ / ସମାଜବାଦ)

(୫) ସରକାରୀ ଉଦ୍ୟୋଗ ଏବଂ ଘରୋଇ ଉଦ୍ୟୋଗ ଏକ ମିଶ୍ରିତ ଅର୍ଥନୀତିରେ ------------- (ସହାବସ୍ଥାନ କରିଥାନ୍ତି / ଅନୁପସ୍ଥିତ ଥାନ୍ତି)

୩. ନିମ୍ନଲିଖିତ ବୈଶିଷ୍ଟ୍ୟକୁ ନେଇ ବିଭିନ୍ନ ଅର୍ଥନୀତିର ଶ୍ରେଣୀବିଭାଗ କର ଏବଂ ସେଗୁଡ଼ିକ ଉପଯୁକ୍ତ ବାକ୍ସରେ ରଖ ।

ଲାଭ ମନୋବୃତ୍ତି, କେନ୍ଦ୍ରୀୟ ଯୋଜନା, ଖାଉଟି ସାର୍ବଭୌମତା, ସରକାରୀ ଓ ଘରୋଇ ସଂସ୍ଥା, ଉତ୍ତରାଧିକାର ନିୟମ, ସମାଜ ମଙ୍ଗଳ, ସରକାରୀ ନିୟମ, ସହାୟତା, ପ୍ରତିଦ୍ୱନ୍ଦିତା, ଦରକୌଶଳ, ବୈଷମ୍ୟ, ଶ୍ରେଣୀ, ସଂଘର୍ଷ ଅନୁପସ୍ଥିତି, ଅର୍ଥନୈତିକ ଯୋଜନା ଏବଂ ସୀମିତ ପସନ୍ଦ ସ୍ୱାଧୀନତା ।

| ପୁଞ୍ଜିବାଦ ଅର୍ଥନୀତି | ସମାଜବାଦ ଅର୍ଥନୀତି | ମିଶ୍ରିତ ଅର୍ଥନୀତି |
|---|---|---|

### ୪.୨.୨ ଉନ୍ନୟନ ଆଧାରରେ ଅର୍ଥନୀତିର ବିଭକ୍ତିକରଣ

ଉନ୍ନୟନର ସ୍ତରକୁ ନେଇ ଅର୍ଥନୀତିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ।

(୧) ବିକଶିତ ଅର୍ଥନୀତି

(୨) ବିକାଶୋନ୍ମୁଖୀ ଅର୍ଥନୀତି

ରାଷ୍ଟ୍ରଗୁଡ଼ିକୁ ଉନ୍ନତ ଧନୀ ଅବା ବିକାଶୋନ୍ମୁଖୀ ବା ଗରିବ ଅର୍ଥନୀତି ରୂପେ ଆଖ୍ୟା ଦିଆଯାଏ ତା'ର ଜନସାଧାରଣଙ୍କର ଜୀବନଧାରଣର ବା ବଞ୍ଚି ରହିବାର ମାନ, ମୁଣ୍ଡ ପିଛା ଆୟ ଏବଂ ପ୍ରକୃତ ଜାତୀୟ ଆୟକୁ ଆଧାର କରି। ବିକଶିତ ରାଷ୍ଟ୍ରଗୁଡ଼ିକର ଉଚ୍ଚଜାତୀୟ ଓ ମୁଣ୍ଡ ପିଛା ଆୟ, ଉଚ୍ଚ ହାରରେ ପୁଞ୍ଜି ଗଠନ, ଯଥା-ଉଚ୍ଚ ସଂଚୟ ହାର ଓ ନିବେଶକୁ ବୁଝାଏ ।ସେମାନଙ୍କର ଉଚ୍ଚଶିକ୍ଷିତ ମାନବ ସମ୍ବଳ, ଉନ୍ନତ ନାଗରିକ ସୁବିଧା, ସ୍ୱାସ୍ଥ୍ୟ ଓ ପରିମଳ ସୁବିଧା, ସ୍ୱଳ୍ପ ଜନ୍ମହାର, ନିମ୍ନ ମୃତ୍ୟୁହାର, ସ୍ୱଳ୍ପ ଶିଶୁ ମୃତ୍ୟୁହାର, ଉନ୍ନତ ଶିକ୍ଷ ଓ ସାମାଜିକ ଭିତ୍ତିଭୂମି, ଢ଼ାଞ୍ଚାଗତ ବ୍ୟବସ୍ଥା, ଦୃଢ଼ ଆର୍ଥିକ ଓ ପୁଞ୍ଜିବଜାର ଥାଏ ।ଅଳ୍ପରେ କହିଲେ ଉନ୍ନତ ରାଷ୍ଟ୍ରଗୁଡ଼ିକର ଜୀବନ ଧାରଣର ମାନ ଉନ୍ନତ ।

ବିକାଶୋନ୍ମୁଖୀ ରାଷ୍ଟ୍ରଗୁଡ଼ିକ ଉନ୍ନୟନ ପାହାଚ / ନିଶୁଣୀରେ ତଳେ ଥାନ୍ତି ।ବେଳେବେଳେ ସେମାନଙ୍କୁ ଅନୁନ୍ନତ, ପଛୁଆ ଓ ଗରିବ ରାଷ୍ଟ୍ର ବୋଲି କୁହାଯାଏ ।କିନ୍ତୁ ଅର୍ଥନୀତିଜ୍ଞମାନେ ସେମାନଙ୍କୁ ବିକାଶୋନ୍ମୁଖୀ ରାଷ୍ଟ୍ର ବୋଲି କହିବାକୁ ପସନ୍ଦ କରନ୍ତି କାରଣ ଏହା ନୂତନତ୍ୱର ସ୍ୱାଦ ଦିଏ ।ଜାତୀୟ ଓ ମୁଣ୍ଡପିଛା ଆୟ ଏ ସବୁ ରାଷ୍ଟ୍ରଗୁଡ଼ିକର କମ୍ ।ଏ ଗୁଡ଼ିକର ପଛୁଆ କୃଷି ଓ ଶିକ୍ଷ ସଂସ୍ଥା ସହିତ, ସ୍ୱଳ୍ପ ସଂଚୟ, ନିବେଶ ଓ ପୁଞ୍ଜିଗଠନ ଦେଖାଦେଇଥାଏ ।ଯଦିଓ ଏ ରାଷ୍ଟ୍ରଗୁଡ଼ିକର ରପ୍ତାନୀ ଆୟ ଥାଏ କିନ୍ତୁ ସାଧାରଣତଃ ସେମାନେ ପ୍ରାରମ୍ଭିକ କୃଷି ଉତ୍ପାଦନ ରପ୍ତାନୀ କରିଥାନ୍ତି ।ସଂକ୍ଷେପରେ କହିଲେ ଏମାନଙ୍କର ଜୀବନଧାରଣର ମାନ ନ୍ୟୂନତମ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ମଧ୍ୟ ନ୍ୟୂନ ଧରଣର, ଉଚ୍ଚ ଶିଶୁ ମୃତ୍ୟୁହାର, ଉଚ୍ଚ ଜନ୍ମହାର ଓ ମୃତ୍ୟୁହାର ଏବଂ ନୀଚ ଭିତ୍ତିଭୂମି ବ୍ୟବସ୍ଥା ଥାଏ। ଏହାର ଅର୍ଥ ଅର୍ଥନୈତିକ ଉନ୍ନୟନ ବହୁ କଥା ଉପରେ

ନିର୍ଭରଶୀଳ ଓ ବିଭିନ୍ନ କଥାକୁ ବୁଝାଏ । ଯଦିଓ ତୁମେ ପଢ଼ିସାରିଲଣି ତଥାପି ଉଚିତ ହେବ ଅର୍ଥନୈତିକ ଉନ୍ନୟନ କ'ଣ ସେନେଇ ଆଲୋଚନା କରିବା । ଏହାର ନିର୍ଣ୍ଣାୟକମାନେ କିଏ ଏବଂ ଆର୍ଥିକ ଅଭିବୃଦ୍ଧି ଓ ଆର୍ଥିକ ଉନ୍ନୟନ କହିଲେ ଆମେ କ'ଣ ବୁଝୁ ଓ ଏମାନଙ୍କ ମଧ୍ୟରେ ଅନ୍ତର କ'ଣ ଏହି ନିବନ୍ଧରେ ଆମେ ତାହା ଜାଣିବା ।

## ୪.୩ ଅର୍ଥନୈତିକ ଉନ୍ନୟନ କହିଲେ କ'ଣ ବୁଝାଏ ।

ଆର୍ଥିକ ଅଭିବୃଦ୍ଧି କହିଲେ ନିରନ୍ତର ଜାତୀୟ ଆୟର ଅଭିବୃଦ୍ଧି ଯାହା ଅର୍ଥନୈତିକ ଉନ୍ନୟନଠାରୁ ଭିନ୍ନ । ଜନସଂଖ୍ୟାର ଭିନ୍ନତାକୁ ବିଚାରକୁ ନେଇ ଏହା ପ୍ରତିଫଳିତ ହୋଇଥାଏ ମୁଣ୍ଡପିଛା ଆୟ ବୃଦ୍ଧିରେ । (ଜାତୀୟ ଆୟ ÷ ମୋଟ ଜନସଂଖ୍ୟା) । ଯଦିଓ ବର୍ଷକୁ ବର୍ଷ ପରିବର୍ତ୍ତନକୁ ନେଇ ଅବା ସ୍ୱଳ୍ପ ସମୟ ପରିବର୍ତ୍ତନ, ଜାତୀୟ ଆୟରେ ହୋଇଥାଏ କିନ୍ତୁ ନିରନ୍ତର ଜାତୀୟ ଆୟରେ ବୃଦ୍ଧି ଦୀର୍ଘଦିନ ପାଇଁ ଘଟିଲେ ହିଁ ତାକୁ ଆମେ ଆର୍ଥିକ ବା ଅର୍ଥନୈତିକ ଅଭିବୃଦ୍ଧି ପର୍ଯ୍ୟାୟଭୁକ୍ତ କରିପାରିବା ।

ଅନ୍ୟଦିଗରେ ଅର୍ଥନୈତିକ ଉନ୍ନୟନ କେବଳ ଆର୍ଥିକ ଅଭିବୃଦ୍ଧି ନୁହେଁ, ଅନ୍ୟାନ୍ୟ ଅର୍ଥନୈତିକ ପରିବର୍ତ୍ତନ ଯାହା ଜନସଂଖ୍ୟାର, ଜୀବନଧାରଣର ମାନ, ତା'ର ଗୁଣବତ୍ତା ବୃଦ୍ଧିରେ ସହାୟକ ହୁଏ ସେ ସବୁକୁ ବିଚାରକୁ ନିଏ । ଯଦି ଆର୍ଥିକ ଅଭିବୃଦ୍ଧି ସହିତ ଗୋଟିଏ ରାଷ୍ଟ୍ରରେ, ଦାରିଦ୍ର୍ୟ ଓ ବେକାରୀ ଦୂର ହୁଏ ଆର୍ଥିକ ଅସମତା କମେ, ସାକ୍ଷର ହାର ବୃଦ୍ଧିପାଏ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ଉନ୍ନତି ହୁଏ, ଜନସଂଖ୍ୟା ହାର ହ୍ରାସ ପାଏ, ପରିବେଶଜନିତ ଉନ୍ନତି ଦେଖାଦିଏ ଯାହାକି ମନୁଷ୍ୟ ଜୀବନର ମାନରେ ଉନ୍ନତି ଆଣେ ତାକୁ ଅର୍ଥନୈତିକ ଉନ୍ନୟନ କୁହାଯାଏ । ସେଇ ଅର୍ଥନୈତିକ ପରିବର୍ତ୍ତନ ଆବଶ୍ୟକ ଯାହା ଜନସାଧାରଣଙ୍କ ଜୀବନଧାରଣର ମାନ ଉନ୍ନତିରେ ସହାୟକ ତାହାହିଁ ଅର୍ଥନୈତିକ ଉନ୍ନୟନ ପାଇଁ ଦରକାରୀ । ନହେଲେ ଆର୍ଥିକ ଅଭିବୃଦ୍ଧି ସହିତ ମଧ୍ୟ ଜନସାଧାରଣଙ୍କର ଜୀବନଧାରଣର ମାନରେ କୌଣସି ପରିବର୍ତ୍ତନ ହୋଇପାରିବନାହିଁ । ଏପରି ହୋଇପାରେ ଆର୍ଥିକ ଅଭିବୃଦ୍ଧି ସହିତ ଧନୀ ଆହୁରି ଧନୀ ହେବ, ଗରିବ ବେଲୁବେଳ ଗରିବ ହେବାକୁ ଲାଗିବ ଯଦି ଆର୍ଥିବ ଅଭିବୃଦ୍ଧିର ଫଳ କେଳ ସମାଜର ଧନୀ ମାନେହିଁ ଛଡ଼େଇ ନେବେ । ଏହା କେବଳ ଆର୍ଥିକ ଅଭିବୃଦ୍ଧି ନୁହେଁ ବରଂ ଅନ୍ୟାନ୍ୟ ଅର୍ଥନୈତିକ ପରିବର୍ତ୍ତନ ଯାହା ଜୀବନଧାରଣର ମାନରେ ବୃଦ୍ଧି ଆଣେ ସମାଜର, ତାକୁ ହିଁ ଅର୍ଥନୈତିକ ଉନ୍ନୟନ କୁହାଯାଏ ।

## ୪.୪ ଅର୍ଥନୈତିକ ଉନ୍ନୟନର ନିୟନ୍ତ୍ରକ ମାନେ

ଅର୍ଥନୈତିକ ଉନ୍ନୟନର ପ୍ରକ୍ରିୟା ବହୁତଗୁଡ଼ିଏ ଅର୍ଥନୈତିକ ଓ ଅଣଅର୍ଥନୈତିକ କାରଣ ଦ୍ୱାରା ପ୍ରଭାବିତ ।

ପ୍ରମୁଖ ଅର୍ଥନୈତିକ କାରଣଗୁଡ଼ିକ ଏପରି -

(୧) **ପ୍ରାକୃତିକ ସମ୍ବଳ:** ପ୍ରାକୃତିକ ସମ୍ବଳର ପ୍ରାପ୍ତି ଉଭୟ ଅର୍ଥନୈତିକ ଅଭିବୃଦ୍ଧି ଓ ଉନ୍ନୟନକୁ ସହଜ କରେ ଓ ତ୍ୱରାନ୍ୱିତ କରେ । ଏହା ବିଶ୍ୱାସଯୋଗ୍ୟ ଯେ ପ୍ରାକୃତିକ ସମ୍ବଳର ଗୁଣ ଓ ମାନ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରେ ।

(୨) **ମାନବ ସମ୍ବଳ:** ଅର୍ଥନୈତିକ ଉନ୍ନୟନର ଆଉ ଏକ ପ୍ରମୁଖ ନିୟନ୍ତ୍ରକ ହେଉଛି ଜନସଂଖ୍ୟା । ମାନବ ସମ୍ବଳର ପରିମାଣ ଓ ଗୁଣବତ୍ତା । ଅନ୍ୟାନ୍ୟ କଥା ସ୍ଥିର ଥାଇ ଶିକ୍ଷିତ ଏବଂ ବୈଷୟିକ ଶିକ୍ଷା ସମ୍ପନ୍ନ





ମାନବ ସମ୍ବଳ ଉଚ୍ଚ ଅଭିବୃଦ୍ଧି ହାସଲ କରିବାରେ ସହାୟକ ହୁଅନ୍ତି । ଅନ୍ୟପକ୍ଷରେ ଅଶିକ୍ଷିତ, ଅଣକୁଶଳୀ ଜନସଂଖ୍ୟା ଅର୍ଥନୈତିକ ଅଭିବୃଦ୍ଧିକୁ ନିରୁତ୍ସାହିତ କରେ ।

(୩) **ପୁଞ୍ଜିଗଠନ :** ଉତ୍ପାଦକ ପୁଞ୍ଜିର ଭଣ୍ଡାର / ସମ୍ବଳ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦକ ପୁଞ୍ଜି ବଢ଼ାଇବାକୁ ହେଲେ ସଞ୍ଚୟ ହାରରେ ବୃଦ୍ଧି ହେବା ଜରୁରୀ ଏବଂ ସଞ୍ଚୟ ବିନିଯୋଗ ହେବା ଦରକାର । ସଞ୍ଚୟ ହାର ଓ ବିନିଯୋଗ ହାରକୁ ନେଇ ଅଭିବୃଦ୍ଧି ହାର ପୁଞ୍ଜି ଓ ଉତ୍ପାଦନ ହାରର ଅନୁପାତ ଉପରେ ନିର୍ଭରଶୀଳ ହେବ । ଯଦି ଘରୋଇ ସଞ୍ଚୟ ହାର ଯଥେଷ୍ଟ ନୁହେଁ ତେବେ ସରକାର ବାହ୍ୟ ସହାୟତା ଲୋଡ଼ିବେ, ପୁଞ୍ଜିଗଠନ ପାଇଁ ଓ ଅଭିବୃଦ୍ଧି ପାଇଁ ବିକାଶୋନ୍ମୁଖୀ ରାଷ୍ଟ୍ରରେ ।

(୪) **ବୈଷୟିକ ଜ୍ଞାନ:** ବୈଷୟିକ ଜ୍ଞାନ ଆର୍ଥିକ ଉନ୍ନୟନରେ ଏକ ପ୍ରମୁଖ ଭୂମିକା ଗ୍ରହଣକରେ । ବୈଷୟିକ ଅଭିବୃଦ୍ଧି / ପ୍ରଗତି ନିରନ୍ତର ଗବେଷଣା ଓ ଉନ୍ନୟନ ଉପରେ ନିର୍ଭରଶୀଳ । ବୈଷୟିକ ପ୍ରଗତି ଦ୍ୱାରା ଜାତିଟିଏ/ରାଷ୍ଟ୍ରଟିଏ ପ୍ରାକୃତିକ ସମ୍ବଳର ସ୍ୱଳ୍ପତା କମ୍ ଉତ୍ପାଦିକା ପରି ବାଧକକୁ ଡେଇଁ ଆସିବ । ବିକଶିତ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ପୁଞ୍ଜି ମାନବ ସମ୍ବଳ ଉପରେ ବିନିଯୋଗ କରନ୍ତି ।

ଏ ସବୁବ୍ୟତିରେକ ଅର୍ଥନୈତିକ କାରଣ ବାହାରେ (୧) ଜାତିପ୍ରଥା, ପରିବାର କିସମ, କୂଳ ବଂଶ ଆଦି ଏବଂ ସରକାରୀ ନୀତି ମଧ୍ୟ ଆର୍ଥିକ ଅଭିବୃଦ୍ଧି ଓ ଉନ୍ନୟନକୁ ପ୍ରଭାବିତ କରେ । ଅର୍ଥନୈତିକ ଉନ୍ନୟନକୁ ମାପିବା ଓ ଅର୍ଥନୈତିକ ଉନ୍ନୟନକୁ ଗୋଟିଏ ସୂଚୀରେ ଆଣିବା ଏକ କଷ୍ଟକର ବ୍ୟାପାର । ସର୍ବାଧିକ ବ୍ୟବହୃତ ସୂଚକାଙ୍କ ଅର୍ଥନୈତିକ ଉନ୍ନୟନରେ ଯଥା:- ମୁଣ୍ଡପିଛା ଆୟରେ ଅଭିବୃଦ୍ଧି ଗୁରୁତର ଭାବେ ତ୍ରୁଟିପୂର୍ଣ୍ଣ । ଏହି ସୂଚକାଙ୍କ ପ୍ରାକୃତିକ ସମ୍ବଳର ବିନିଯୋଗ ଏବଂ ପରିବେଶ ଅବକ୍ଷୟକୁ ବିଚାରକୁ ନେଇନଥାଏ, ଯଥା- ଶିଳ୍ପ ଧୂଆଁ, ଶିଳ୍ପଜନିତ ପ୍ରଦୂଷଣ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଉଭୟ ବାୟୁ ଓ ଜଳକୁ ପ୍ରଦୂଶିତ କରନ୍ତି । ଜଙ୍ଗଲ କାଟିବା ଏବଂ କାଠଗଣ୍ଡି ବିକ୍ରି କରିବା ଆୟ ଦିଏ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ପରିଗଣିତ ହୁଏ ଏବଂ ଏହି ଆୟ ଜାତୀୟ ଆୟରେ ମିଶେ । କିନ୍ତୁ ଜଙ୍ଗଲ ଅବକ୍ଷୟ ଜାତୀୟ ଆୟ ପରିସଂଖ୍ୟାନରେ ବିଯୁକ୍ତାତ୍ମକ ପ୍ରବେଶ ରୂପେ ବା ପ୍ରକାର ରୂପେ ନିଆଯାଇନଥାଏ । ଅର୍ଥନୀତିଜ୍ଞମାନେ ଏଣୁ ଗୁରୁତର ସହ ବିଚାର କରୁଛନ୍ତି ନୂଆ ସୂଚକାଙ୍କ ନେଇ ଯାହା ପରିବେଶର ମୂଲ୍ୟ ସମାଜ ପ୍ରତି କେତେ ତାହା ସୂଚାଇବ ଓ ସମାଜର ମଙ୍ଗଳ ସୂଚକାଙ୍କ ରୂପେ ବ୍ୟବହାର କରାଯାଇପାରିବ ।

## ୪.୫ ଅର୍ଥନୈତିକ ଉନ୍ନୟନ ଓ ଅର୍ଥନୈତିକ ଅଭିବୃଦ୍ଧିର ତାରତମ୍ୟ ଦର୍ଶାଅ

ଅର୍ଥନୈତିକ ଅଭିବୃଦ୍ଧି ଏକ ସ୍ୱଳ୍ପକାଳୀନ ମାପକ ଏବଂ ସାଧାରଣତଃ ବାସ୍ତବ ଜାତୀୟ ଆୟ ଓ ମୁଣ୍ଡପିଛା ଆୟର ବାର୍ଷିକ ଅଭିବୃଦ୍ଧିକୁ ବୁଝାଏ । କିନ୍ତୁ ଆୟ ସୂଚକାଙ୍କଟି ଜାତୀୟ ଆୟର ପରିବଣ୍ଟନକୁ ହିସାବକୁ ନେଇନଥାଏ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆୟ ମାପକ ଅଣଉତ୍ପାଦିକା, ଅକାର୍ଯ୍ୟ ଅଭିବୃଦ୍ଧି ଏବଂ ଉତ୍ପାଦିକା ଓ ସାମାଜିକ ହିତ ଦୃଷ୍ଟିରୁ ଅଭିବୃଦ୍ଧିକୁ ବିଚାରକୁ ନେଇନଥାଏ । ଅର୍ଥନୈତିକ ଉନ୍ନୟନ ଅନ୍ୟ ଦିଗରେ ଏକ ଦୀର୍ଘକାଳୀନ ମାପକ ଏକ ସୁଦୀର୍ଘ ସମୟର । ଅର୍ଥନୈତିକ ଉନ୍ନୟନ ଜୀବନଧାରଣ ମାନର ସାଧାରଣ ଅଭିବୃଦ୍ଧି ଏବଂ ଉନ୍ନତ ମାନର ଜୀବନଶୈଳୀ କଥା କୁହେ । ଏହା ବ୍ୟତୀତ ଆୟ ମାପକ / ସୂଚକାଙ୍କ ଛଡ଼ା କିଛି ଅଣଆୟ ସୂଚକାଙ୍କକୁ ମଧ୍ୟ ବିଚାରକୁ ନେଇଥାଏ । ଦୀର୍ଘଜୀବନ ବା ଉଚ୍ଚ ଆୟୁ ପ୍ରତ୍ୟାଶା ସ୍ୱଳ୍ପ ଶିଶୁ ମୃତ୍ୟୁହାର ଏବଂ ଉଚ୍ଚ ସାକ୍ଷର ହାର ଆଦି, ଏଇ ସବୁ ଅଣ ଆୟ ସୂଚକାଙ୍କରେ ଅଭିବୃଦ୍ଧି ସୂଚାଇଥାଏ ଯେ ଜୀବନଧାରଣ ମାନରେ ଉନ୍ନତି ଆସିଛି । ୟୁନେସ୍କୋ, ଆଇଏଲ୍‌ଓ ଆଦି ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତୀକ ଅନୁଷ୍ଠାନମାନେ ମୌଳିକ ଆବଶ୍ୟକତା ଆଭିମୁଖ୍ୟକୁ ଅର୍ନ୍ତଭୁକ୍ତ କରି, ଖାଦ୍ୟ ପ୍ରାପ୍ତି, ବସ୍ତ୍ର, ଗୃହ,

ପିଇବା ପାଣି, ପରିମଳ ଓ ସାଧାରଣ ପରିବହନ ସୁବିଧା, ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ଏବଂ ଶିକ୍ଷାକୁ ଅର୍ଥନୈତିକ ଉନ୍ନୟନର ସୂଚକାଙ୍କ ଭାବେ ନେଇଛନ୍ତି । ତେଣୁ ଉନ୍ନୟନର ଉଦ୍ଦେଶ୍ୟ ବୃହତ୍ତର ମନୁଷ୍ୟ ସମାଜର ଆବଶ୍ୟକତା ପୂରଣ କରିବା । ମିଳିତ ଜାତି ବିକାଶ ଯୋଜନା (U.N.D.A.) ତା'ର ମାନବ ବିକାଶ ସୂଚକାଙ୍କରେ ମୁଣ୍ଡପିଛା ଆୟ, ଶିକ୍ଷା ସଫଳତା ଏବଂ ଦୀର୍ଘ ଜୀବନକୁ ଗୁରୁତ୍ୱ ଦେଇଛି । ଏଣୁ ଏହା ଏକ ଯୌଗିକ ସୂଚକାଙ୍କ ଉଭୟ ଅର୍ଥନୈତିକ ଓ ସାମାଜିକ ସୂଚକାଙ୍କ ପର୍ଯ୍ୟବେଶିତ । ଅର୍ଥନୈତିକ ଉନ୍ନୟନ ତେଣୁ ଏକ ବୃହତ୍ତର ଓ ବ୍ୟାପକ ପରିସରର କଥା କହେ, ଯାହା ସାମଗ୍ରିକ ଜୀବନଧାରଣର ଅଭିବୃଦ୍ଧି କଥା କହେ ।

## ପାଠ୍ୟ ପ୍ରଶ୍ନାବଳୀ ୪.୨

ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଲେଖ-

(୧) ଉନ୍ନୟନକୁ ଆଧାର କରି କେଉଁ ଦୁଇପ୍ରକାର ଅର୍ଥନୀତିକୁ ବୁଝାଏ ?

(୨) ଅର୍ଥନୈତିକ ଉନ୍ନୟନର ସରଳ ଉତ୍ତର ଲେଖ ।

(୩) ଅର୍ଥନୈତିକ ଉପାଦାନ କିପରି ଉନ୍ନୟନର ନିୟନ୍ତ୍ରକ ବୁଝାଇ ଲେଖ ।

(୪) ଉନ୍ନୟନକୁ ପ୍ରଭାବିତ କରୁଥିବା ଅଣଅର୍ଥନୈତିକ ଉପାଦାନଗୁଡ଼ିକ କ'ଣ ?

(୫) ଆୟ ଆଧାରରେ ଉନ୍ନୟନ ଏଥିରେ ଥିବା ପ୍ରମୁଖ ତ୍ରୁଟି ସବୁ କ'ଣ ?

(୬) ଅର୍ଥନୈତିକ ଅଭିବୃଦ୍ଧି ଏବଂ ଅର୍ଥନୈତିକ ଉନ୍ନୟନର ତାରତମ୍ୟ କ'ଣ ?

(୭) ପୁଞ୍ଜିଗଠନ ଅର୍ଥନୈତିକ ଅଭିବୃଦ୍ଧି ପାଇଁ କିପରି ଗୁରୁତ୍ୱ ବହନ କରେ ?

## ତୁମେ କ'ଣ ଶିଖିଲ

- ଏଇ ନିବନ୍ଧରେ ଆମେ ଅର୍ଥନୀତି କହିଲେ କ'ଣ ବୁଝାଏ ଜାଣିଲେ । ଏହା ଏପରି ଏକ ନ୍ୟାୟିକ ଓ ସାମାଜିକ ବ୍ୟବସ୍ଥା ଯାହା ସାହାଯ୍ୟରେ ଜନସାଧାରଣ ଜୀବିକା ଅର୍ଜନ କରିଥାନ୍ତି । ଏହା ବ୍ୟତିତ ଏକ ଅର୍ଥବ୍ୟବସ୍ଥା ଯେଉଁଥିରେ ସହଯୋଗ ମାଧ୍ୟମରେ ମାନବିକ ଅଭାବ ପୂରଣ ହୋଇଥାଏ ।
- ଏକ ଆଧୁନିକ ଜଟିଳ ଅର୍ଥନୀତିରେ ସହଯୋଗ ଏହିପରି ଭାବେ ସହାବସ୍ଥାନ କରେ "ତୁମେ ମୋ ପାଇଁ ଏ କାମଟି କରିଦିଅ ମୁଁ ତୁମର ସେ କାମଟା କରିଦେବି ଯଥେଷ୍ଟ ନୁହେଁ ।" ସହଯୋଗ ଜାତୀୟ ସୀମାରେଖା ବାହାରେ ମଧ୍ୟ ଦେଖାଦେଇପାରେ ବା ସମ୍ଭବ । ଏଣୁ ଅର୍ଥନୀତିକୁ ଏପରି ଏକ ବ୍ୟବସ୍ଥା ରୂପେ ଦେଖାଯାଏ ଯହିଁରେ ପରସ୍ପର ସହଯୋଗ ଏବଂ ପ୍ରତିବଦଳର କଥା ଥାଏ ।
- ଅର୍ଥନୀତିକୁ ମାଲିକାନା ଏବଂ ଉତ୍ପାଦନର ଉପାଦାନ ଉପରେ ନିୟନ୍ତ୍ରଣକୁ ନେଇ ନିମ୍ନ ଭାବେ ତିନିଭାଗରେ ବିଭକ୍ତ କରାଯାଇପାରେ ।

(୧) ପୁଞ୍ଜିବାଦ ଅର୍ଥନୀତି

(୨) ସମାଜବାଦ ଅର୍ଥନୀତି

(୩) ମିଶ୍ରିତ ଅର୍ଥନୀତି

- ଉନ୍ନୟନ ସ୍ତର ଆଧାରରେ ଅର୍ଥନୀତିକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ ।

(୧) ବିକଶିତ ଅର୍ଥନୀତି

(୨) ବିକାଶୋନ୍ମୁଖୀ ଅର୍ଥନୀତି

- ପୁଞ୍ଜିବାଦ ଅର୍ଥନୀତି ବ୍ୟକ୍ତିସ୍ୱାଧୀନତା ଓ ପ୍ରତିଦ୍ୱନ୍ଦିତାକୁ ବହୁ ଗୁରୁତ୍ୱ ଦିଏ । ଖାଉଟି ରଜା ପରି ବ୍ୟବହାର କରେ ଏବଂ ସମ୍ବଳ ଯୋଗାଣ ତଥା ଦରଦାମ ପ୍ରକ୍ରିୟା, ଲାଭ ଉଦ୍ଦେଶ୍ୟ ଏବଂ ବଜାରକୁ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।
- ସମାଜବାଦ ଅର୍ଥନୀତି ସାମୂହିକ ମାଲିକାନା, ସମାଜ ମଙ୍ଗଳ ଓ ଯୋଜନାବଦ୍ଧ ଅର୍ଥନୀତିକୁ ଅଧିକ ଗୁରୁତ୍ୱ ଦେଇଥାଏ । ଅସମାନତା କମ୍ ହୁଏ ଓ ଶ୍ରେଣୀ ସଂଘର୍ଷକୁ ଦୂର କରାଯାଏ ।
- ମିଶ୍ରିତ ଅର୍ଥନୀତି ଉଭୟ ବ୍ୟବସ୍ଥାର ସୁଗୁଣଗୁଡ଼ିକୁ ଗୁରୁତ୍ୱ ଦିଏ । ଏଠାରେ ଉଭୟ ସରକାରୀ ଓ ଘରୋଇ ବ୍ୟବସ୍ଥା ସହବସ୍ଥାନ କରିଥାନ୍ତି । ସରକାରୀ ଉଦ୍ୟୋଗ ସମାଜବାଦ ଅର୍ଥନୀତି ଆଧାରରେ ଚାଲେ ଯେଉଁଠିକି ଘରୋଇ ଉଦ୍ୟୋଗ ପୁଞ୍ଜିବାଦ ଅର୍ଥନୀତି ଆଧାରରେ ଚାଲେ ।
- ବିକଶିତ ଧନୀ ରାଷ୍ଟ୍ରଗୁଡ଼ିକଙ୍କରେ ଉଚ୍ଚ ମୁଣ୍ଡପିଛା ଆୟ ଏବଂ ଉନ୍ନତ ଜୀବନଧାରଣର ମାନ ଦେଖିବାକୁ ମିଳିଥାଏ ।
- ଅଣବିକଶିତ ବା ଗରିବ ରାଷ୍ଟ୍ରଗୁଡ଼ିକ ଅନ୍ୟପଟେ ସ୍ୱଳ୍ପଆୟ, ସଞ୍ଚୟ ଏବଂ ବିନିଯୋଗରେ ଘାଣ୍ଟି ହେଉଥାନ୍ତି ଏଣୁ ଏମାନଙ୍କର ଜୀବନଧାରଣର ମାନ ଅତିନ୍ୟୂନ ।
- ଅର୍ଥନୈତିକ ଉନ୍ନୟନ ପ୍ରକିୟା ଅନେକ ଗୁଡ଼ିଏ ଅର୍ଥନୈତିକ ଏବଂ ଅଣଅର୍ଥନୈତିକ କାରଣ ଦ୍ୱାରା ନିୟନ୍ତ୍ରିତ ।
- ଅର୍ଥନୈତିକ ଉନ୍ନୟନ ଓ ଅଭିବୃଦ୍ଧି ମଧ୍ୟରେ ଏକ ଭିନ୍ନତା ଅଛି । ସାଧାରଣ ଭାବେ ଅର୍ଥନୈତିକ ଅଭିବୃଦ୍ଧି ସ୍ୱଳ୍ପକାଳ ଉନ୍ନତି କିଛି ବଛା ବଛା ବିଭାଗ ବା ଉପାଦାନରେ ଘଟିଲେ ଆମେ କହିଥାଉ । ଅନ୍ୟପଟେ ଅର୍ଥନୈତିକ ଉନ୍ନୟନ ଜାତୀୟ ଆୟ ଏବଂ ମୁଣ୍ଡପିଛା ଆୟର ଦୀର୍ଘକାଳ ଅଭିବୃଦ୍ଧିକୁ ତଥା ଅନେକ ଅଣ ଅର୍ଥନୈତିକ ଉପାଦାନକୁ ଇଙ୍ଗିତ କରେ ଯାହା ଜୀବନ ଧାରଣ ମାନରେ ଉନ୍ନତି ଆଣିଥାଏ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଅର୍ଥବ୍ୟବସ୍ଥା କହିଲେ କଣ ବୁଝ ? ଏକ ପୁଞ୍ଜିବାଦ ଅର୍ଥନୀତି ମଖ୍ୟ ବୈଶିଷ୍ଟ ଗୁଡ଼ିକ କଣ ?

୨. ଅର୍ଥନୀତି ହେଉଛି ଏକ ବ୍ୟବସ୍ଥା ଯାହାର ପରସ୍ପର ସହଯୋଗ ଓ ପ୍ରତିବଦଳର କଥା କହେ । ଆଲୋଚନା କର ।

୩. ମାଲିକାନା ଓ ଉତ୍ପାଦନର ଉପାଦାନ ଉପରେ ଥିବା ନିୟନ୍ତ୍ରଣକୁ ନେଇ କେତେ ପ୍ରକାର ଅର୍ଥନୀତି ଅଛି ବୁଝାଇଲେଖ ।

୪. ଅର୍ଥନୈତିକ ଉନ୍ନୟନ ଓ ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟରେ ପାର୍ଥକ୍ୟ କଣ ?

୫. ଅର୍ଥନୈତିକ ଉନ୍ନୟନର ମୁଖ୍ୟ ନିୟନ୍ତ୍ରକ ଗୁଡ଼ିକ କ'ଣ ?

## ପାଠ୍ୟ ପ୍ରଶ୍ନାବଳୀର ଉତ୍ତର

### ୪.୧

୧. (୧) ଭୁଲ (୨) ଭୁଲ (୩) ଠିକ୍ (୪) ଭୁଲ୍ (୫) ଠିକ୍

୨. (୧) ସବୁଠାରୁ ମୁଖ୍ୟ (୨) ଖାଉଟିର ସାର୍ବଭୌମତ୍ୱ (୩) କେନ୍ଦ୍ରୀୟ ଯୋଜନା (୪) ପୁଞ୍ଜିବାଦ (୫) ସହବସ୍ଥାନ

୩. ନିମ୍ନଲିଖିତ ବୈଶିଷ୍ଟ୍ୟଗୁଡ଼ିକ ବ୍ୟାଖ୍ୟା କର ।

| ପୁଞ୍ଜିବାଦ ଅର୍ଥନୀତି | ସମାଜବାଦ ଅର୍ଥନୀତି | ମିଶ୍ରିତ ଅର୍ଥନୀତି |
|---|---|---|
| ଲାଭ ମନୋବୃତ୍ତି | କେନ୍ଦ୍ରୀୟ ଯୋଜନା | ସରକାରୀ ଓ ଘରୋଇ ଉଦ୍ୟୋଗ |
| ଖାଉଟିର ସାର୍ବଭୌମତ୍ୱ | ସମାଜ ମଙ୍ଗଳ | ସରକାରୀ ନୀତି ନିୟମ |
| ଉତ୍ତରାଧିକାରୀ ନିୟମ | ଶ୍ରେଣୀ ସଂଘର୍ଷର ଅନୁପସ୍ଥିତି | ଯୋଜନାବଦ୍ଧ ଅର୍ଥନୀତି |
| ପ୍ରତିଦ୍ୱନ୍ଦିତା | | ସହାୟତା, ଯୋଜନା ଅର୍ଥନୀତି |
| ଦରଦାମ୍ କୌଶଳ | | ସସୀମ ପସନ୍ଦ ସ୍ୱାଧୀନତା |
| ଅସମତା | | |

### ୪.୨

୧. ବିକଶିତ ଅର୍ଥନୀତି ଓ ବିକାଶୋନ୍ମୁଖୀ ଅର୍ଥନୀତି

୨. ଅର୍ଥନୈତିକ ଉନ୍ନୟନ ଏକ ପ୍ରକ୍ରିୟା ଯେଉଁଥିରେ ପ୍ରକୃତ ଜାତୀୟ ଆୟ ଦୀର୍ଘକାଳ ଧରି ବୃଦ୍ଧି ଘଟିଥାଏ ।

୩. ପ୍ରାକୃତିକ ସମ୍ବଳ, ମାନବ ସମ୍ବଳ, ପୁଞ୍ଜିଗଠନ, ବୈଷୟିକ ଜ୍ଞାନ

୪. ଜାତିପ୍ରଥା, ପରିବାର ପ୍ରକାର ଭେଦ, ଆନୁବଂଶିକ ବା ବଂଶଜ

୫. ଏହା ପରିବେଶର ମୂଲ୍ୟ ଏବଂ ସମ୍ବଳ ହ୍ରାସକୁ ହିସାବକୁ ନିଏନା ।

୬. ଅର୍ଥନୈତିକ ଅଭିବୃଦ୍ଧି ସ୍ୱଳ୍ପକାଳୀନ ବାସ୍ତବଆୟର ଉନ୍ନତିକୁ ବୁଝାଏ ଅଥଚ ଅର୍ଥନୈତିକ ଉନ୍ନୟନ ଏକ ଦୀର୍ଘକାଳୀନ ବାସ୍ତବ ଆୟର ଉନ୍ନତି ଓ ଜୀବନଧାରଣ ମାନର ମୋଟାମୋଟି ଉନ୍ନତି ଏବଂ ଜୀବନଧାରଣର ଗୁଣବତ୍ତାର ଉନ୍ନତିକୁ ବୁଝାଏ ।

୭. ପୁଞ୍ଜିଗଠନ ଅଭିବୃଦ୍ଧି ହାରକୁ ନିୟନ୍ତ୍ରିତ କରିଥାଏ, ପୁଞ୍ଜି ଓ ଉତ୍ପାଦନ ଅନୁପାତରେ ।

# ୪

# ଗୋଟିଏ ଅର୍ଥବ୍ୟବସ୍ଥାର ମୁଖ୍ୟ ସମସ୍ୟା

ଆମେ ଯାହା ଜାଣିଲେ, ଆମର ଅଭାବ ଅସୀମ, କିନ୍ତୁ ତାହାକୁ ପୁରଣ କରିବା ପାଇଁ କେବଳ ଅଛି ସୀମିତ ସମ୍ବଳ । ଆମେ ବିଭିନ୍ନ ପ୍ରକାରର ଦ୍ରବ୍ୟ ଓ ସେବା ଦରକାର କରୁ ବିଭିନ୍ନ ପ୍ରକାରର ଅଭାବ ପୁରଣ କରିବା ପାଇଁ । କିନ୍ତୁ ସମ୍ବଳର ସ୍ୱଳ୍ପତା ଦୃଷ୍ଟିରୁ ଆମେ ଏକା ସଙ୍ଗେ ସମସ୍ତଙ୍କ ପାଇଁ ବିଭିନ୍ନ ପ୍ରକାରର ସକଳ ସେବା ଉତ୍ପାଦନ କରିପାରିବା ନାହିଁ । ସ୍ୱଳ୍ପତା ଦୃଷ୍ଟିରୁ ଆମେ ସମ୍ବଳକୁ ନଷ୍ଟ ବି କରିପାରିବା ନାହିଁ । ସବୁ ଅର୍ଥନୀତି ତେଣୁ ଏହାର ସାମାଧାନ ପାଇଁ ରାସ୍ତା ବାହାର କରିବା ଦରକାର ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପାଠ କରିସାରିବାପରେ ଆମେ ଜାଣିବା:

- ପସନ୍ଦର ଆବଶ୍ୟକତା କ'ଣ ବୁଝିବା ଦରକାର ।
- ଜାଣିବା ଉଚିତ ଯେ ସୀମିତ ସମ୍ବଳର ବିକଳ୍ପ ବ୍ୟବହାର ଯୋଗ୍ୟ ।
- ଏକ ଅର୍ଥନୀତିର ମୂଳଭୂତ ସମସ୍ୟା ନେଇ ଅବଗତ ହେବା ଦରକାର ।
- ବିଭିନ୍ନ ପ୍ରକାରର ଅର୍ଥନୀତିରେ ସମ୍ବଳ କିପରି ବିନିଯୋଗ ହେବ ତାହା ବୁଝିବା ଉଚିତ ।
- ସମ୍ବଳର ଅଭିବୃଦ୍ଧି ଏବଂ ଅର୍ଥନୀତିର ଅଭିବୃଦ୍ଧି ମଧ୍ୟରେ ସଂପର୍କ କ'ଣ ବ୍ୟାଖ୍ୟା କର ।

## ୫.୧ ସ୍ୱଳ୍ପତା ଓ ପସନ୍ଦ

ଧରନ୍ତୁ ତୁମେ ଏକ ସାର୍ଟ୍ (ଜାମା) ବା ଗୋଟିଏ ବହି କିମ୍ବା ବନ୍ଧୁଙ୍କୁ ଉପହାର ଦେବାପାଇଁ ଇଚ୍ଛା କରିବ । ତୁମେ ଗୋଟିଏ ସିନେମାହଲକୁ ଯାଇ ସିନେମାଟିଏ ଦେଖିବା ପାଇଁ ଇଚ୍ଛା କରିପାର । ଏଗୁଡ଼ିକ କେତେ ପ୍ରକାରର ଅଭାବ, ଯାହା ପୁରଣ ହେବା ଉଚିତ । କିନ୍ତୁ ତୁମ ନିକଟରେ ମାତ୍ର ୧୧୦ ଟଙ୍କା ଅଛି । ମନେକର ଜାମା ୧୫୦ ଟଙ୍କା, ବହିର ଦାମ୍ ୯୫ ଟଙ୍କା, ଗୋଟିଏ ଉପହାରର ଦାମ୍ ୯୦ ଟଙ୍କା ଏବଂ ସିନେମାଟିକଟର ଦାମ ୧୦୦ଟଙ୍କା ପଡୁଛି । ଏ ସବୁଗୁଡ଼ିକ ମିଶିଲେ ୪୩୫ ଟଙ୍କା ପଡ଼ିବ ଯାହାକି ତୁମ ପାଖରେ ସମ୍ବଳ ନାହିଁ । ଏକଥା ସ୍ୱାଭାବିକ ଯେ ତୁମେ ସମସ୍ତ ପଦାର୍ଥ ଖର୍ଦ୍ଦି କରିପାରିବ ନାହିଁ କାରଣ ତୁମ ପାଖରେ ପଇସା ବା ସମ୍ବଳ ସୀମିତ । ତେବେ କ'ଣ କରିବ ? ୧୧୦ଟଙ୍କାରେ ତୁମେ ଜାମା କିଣିପାରିବ ନାହଁ କାରଣ ଦାମ୍ ତୁମ ନିକଟରେ ଥିବା ପଇସା ଠାରୁ ଅଧିକ । କିନ୍ତୁ ତୁମେ ବହିଟିଏ, ବା ଉପହାର ବା

ସିନେମା ଟିକେଟ କିଣିପାର । ଏଠାରେ ତୁମକୁ ପସନ୍ଦ କରିବାକୁ ପଡ଼ିବ ବା ବାଛିବାକୁ ପଡ଼ିବ ଏଥିମଧ୍ୟରୁ କେଉଁଟିକୁ କିଣିବ ।

କାହିଁକି ତେବେ ପସନ୍ଦ ସମସ୍ୟା ବା ବାଛିବା ସମସ୍ୟା ଉପୁଜେ ? ଯଦି ତୁମ ନିକଟରେ ଯାଦୁବାଡ଼ି ବା ମେଜିକ ଦୀପଟିଏ ଥାନ୍ତା, ତୁମେ ଯାହା ଚାହାନ୍ତ ତା ପାଇପାରନ୍ତ ତୁମ ଅଭାବ ପୂରଣ କରିବାପାଇଁ, ଏଣୁ ପସନ୍ଦର ସମସ୍ୟା ବା ବାଛିବାର ସମସ୍ୟା ଉପୁଜନ୍ତା ନାହିଁ । ଏହା ଏକ ସୁନ୍ଦର ଅବସ୍ଥିତିର କଥା ଯାହା କେବେ ଘଟିବ ନାହିଁ । ତୁମ ପାଖରେ କେବଳ ୧୧୦ଟଙ୍କା ଅଛି ୪୩୫ ଟଙ୍କା ନୁହେଁ, ଅର୍ଥ ତୁମ ପାଖେ ଥିବା ସମ୍ବଳ (ପଇସା) ସୀମିତ ଓ ସ୍ୱଳ୍ପ । ଯେହେତୁ ତୁମେ କେବଳ ଗୋଟିଏ ମାତ୍ର ଜିନିଷ ତୁମ ସୀମିତ ସମ୍ବଳରେ କିଣିପାରିବ, ତୁମେ କେଉଁଟା କିଣିବ ତୁମ ଅଭାବ ପୂରଣ ପାଇଁ ସେଇ ଦ୍ୱନ୍ଦ୍ୱରେ ତୁମେ ପଡ । ଯେତେବେଳେ ତୁମେ କେଉଁଟା କିଣିବାର ଦ୍ୱନ୍ଦ୍ୱରେ ଥାଅ, ତୁମେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟକୁ ଦେଖ । ତାର ଅର୍ଥ ସମ୍ବଳର ବିକଳ୍ପ ବ୍ୟବହାରକ୍ଷମ କିପରି ? ଯଦି ସବୁଗୁଡ଼ିକ ଆମେ କିଣିପାରିବା ନାହିଁ ତୁମେ ବହିଟିଏ କିଣିପାର, ଅଥବା ଏକ ଉପହାର ବା ସିନେମା ଟିକଟ କିଣିପାର । ତେଣୁ ସମ୍ବଳକୁ ବିକଳ୍ପ ବ୍ୟବହାରରେ ଲଗାଯାଇପାରେ ।

ଠିକ୍ ସେପରି ଅର୍ଥନୀତିକୁ ନିଷ୍ପତ୍ତି ନେବାକୁ ପଡ଼େ, କେଉଁ କେଉଁ ଦ୍ରବ୍ୟ ଉତ୍ପାଦନ କରାଯିବ ଏବଂ ସମ୍ବଳ କିପରି ବିନିଯୋଗ ହେବ । ବାଛିବା ବା ପସନ୍ଦ ଆସେ ଦୁଇଟା କାରଣରୁ (କ) ସମ୍ବଳ ସ୍ୱଳ୍ପ (ଖ) ସମ୍ବଳ ବିଭିନ୍ନ ବିକଳ୍ପ ବ୍ୟବହାରଯୋଗ୍ୟ ।

### ପାଠ୍ୟ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ପଦାର୍ଥର ବିକଳ୍ପ ବ୍ୟବହାର କ'ଣ ହୋଇପାରେ ?

(କ) ଗୋଟିଏ ବସ୍

(ଖ) ଗୋଟିଏ ରୁମ (ଏକ ବଖରା ଘର)

(ଗ) ଏକ କୋଠାଘର

(ଘ) ଗୋଟିଏ କମ୍ପ୍ୟୁଟର

## ୫.୨ ଗୋଟିଏ ଅର୍ଥନୀତିର ମୂଳ ସମସ୍ୟା

ଆମେ ତିନୋଟି ମୁଖ୍ୟ ସମସ୍ୟାକୁ ଯେ କୌଣସି ଅର୍ଥନୀତି ସମ୍ମୁଖୀନ ହେଉଥିବା ଜାଣିଛେ । ସେଗୁଡ଼ିକ

(୧) ସମ୍ବଳ ବିନିଯୋଗର ସମସ୍ୟା ।

(୨) ସମ୍ବଳ ଉପେଯୋଗର ସମସ୍ୟା ।

(୩) ସମ୍ବଳ ଅଭିବୃଦ୍ଧିର ସମସ୍ୟା ।

ଆସନ୍ତୁ ପ୍ରତ୍ୟେକଟିକୁ ଗୋଟିଏ ପରେ ଗୋଟେ ଜାଣିବା ।

### ୫.୨.୧ ସମ୍ବଳ ବିନିଯୋଗର ସମସ୍ୟା

ଗୋଟିଏ ଅର୍ଥନୀତି ତିନୋଟି ମୁଖ୍ୟ ମୌଳିକ ସମସ୍ୟାର ସମ୍ମୁଖୀନ ହୋଇଥାଏ ।

୧. କେଉଁ କେଉଁ ଦ୍ରବ୍ୟ ଏବଂ ସେବା ଉତ୍ପାଦନ ହେବ ଏବଂ କେତେ ପରିମାଣର ?

୨. ଦ୍ରବ୍ୟ ଓ ସେବା କିପରି ଉତ୍ପାଦନ ହେବ ?

୩. କାହାପାଇଁ ଦ୍ରବ୍ୟ ଓ ସେବା ସବୁ ଉତ୍ପାଦନ କରଯିବ ?

କେଉଁ କେଉଁ ଦ୍ରବ୍ୟ ଓ ସେବା ଉତ୍ପାଦନ ହେବ ଏବଂ କେତେ ପରିମାଣର ? ପ୍ରତ୍ୟେକ ସମାଜ ସମାନ ପ୍ରକାର ପସନ୍ଦ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତ କିନ୍ତୁ ପ୍ରାଥମିକତା ହୁଏତ ଭିନ୍ନ ହୋଇପାରେ । ଅପେକ୍ଷାକୃତ ଅଳ୍ପ ବିକଶିତ ଅର୍ଥନୀତିରେ ହୁଏତ ପସନ୍ଦ ଖାଦ୍ୟଶସ୍ୟ ଉତ୍ପାଦନ ନା ବାଇସାଇକେଲ ଉତ୍ପାଦନ ମଧ୍ୟରେ ସମସ୍ୟା ସୃଷ୍ଟିହୁଏ । ବିକଶିତ ଅର୍ଥନୀତିରେ କିନ୍ତୁ ପସନ୍ଦ ରହିବ ସପିଙ୍ଗମଲ ଗଠନ କରିବା ନା ବେଶି କାର୍ ଉତ୍ପାଦନ କରିବାରେ ।

ଦ୍ରବ୍ୟ ଓ ସେବା କିପରି ଉତ୍ପାଦନ ହେବ ? ଏହା ସେହି କୌଶଳକୁ ସୂଚୀତ କରୁଛି ଯାହା ଦ୍ୱାରା ଏହା ସବୁ ଉତ୍ପାଦିତ ହୋଇପାରିବ । ଥରେ ଯଦି ନିଷ୍ପତ୍ତି ହୋଇଗଲା କ'ଣ ସବୁ ଉତ୍ପାଦନ ହେବ, ତାପର ସମସ୍ୟା ହେବ କିପରି ତାହା ଉତ୍ପାଦନ ହେବ । କ'ଣ କ'ଣ ଯନ୍ତ୍ରପାତି ଦରକାର, କେତେ ଜମି ଏବଂ କେତେ ଶ୍ରମିକ ଦରକାର । କିଛି ଗୋଟାଏ କରିବାକୁ ହେଲେ ବିଭିନ୍ନ ଉପାୟ ଅଛି । ଉଦାହରଣସ୍ୱରୁପ, ଲୁଗାପଟା ପ୍ରସ୍ତୁତ କରିବା ପାଇଁ ଅଧିକ ଶ୍ରମିକ ଓ କମ୍ ଯନ୍ତ୍ରପାତି ଅବା ଅଧିକା ଯନ୍ତ୍ରପାତି ଓ କମ୍ ଶ୍ରମଶକ୍ତି ଦ୍ୱାରା ସମ୍ଭବ । ଯଦି ଦ୍ରବ୍ୟ ଓ ସେବା ଅଧିକା ଶ୍ରମଶକ୍ତି ଏବଂ କମ୍ ପୁଞ୍ଜି ଦ୍ୱାରା ଉତ୍ପାଦନ ହୋଇପାରିବ । ତେବେ ତାହା ଶ୍ରମଭିତ୍ତିକ (Labour Intenssive)ଉତ୍ପାଦନ ବୋଲି କୁହାଯିବ । ଯଦି ଦ୍ରବ୍ୟ ଓ ସେବା ବେଶି ପୁଞ୍ଜି ଓ କମ ଶ୍ରମଶକ୍ତି ନେଇ ଉତ୍ପାଦିତ ହେବ ଆମେ ତାକୁ ପୁଞ୍ଜିଭିତ୍ତିକ(Capital Intensive) ଉତ୍ପାଦନ ବୋଲି କହିବା ।

କାହାପାଇଁ ଦ୍ରବ୍ୟ ଓ ସେବା ଏ ସବୁ ଉତ୍ପାଦିତ ହେବ ? ଉତ୍ପାଦିତ ଦ୍ରବ୍ୟ ଓ ସେବାର ସୁବିଧା କିଏ ନେବ ବା କେଉଁ ମାନେ ଉପଭୋଗ କରିବେ । ସମସ୍ତଙ୍କ ଅଭାବ ପୂରଣ କରିବା ସମ୍ଭବ ନୁହେଁ । ସ୍ୱଳ୍ପତା ଦୃଷ୍ଟିରୁ ଏଣୁ ନିଷ୍ପତ୍ତି ନେବାକୁ ହେବ, କାହାଙ୍କ ଅଭାବ ପୁରଣ କରିବାକୁ ହେବ । ଅର୍ଥନୀତି ଖାଦ୍ୟଶସ୍ୟ ବେଶି ଉତ୍ପାଦନ କରିବ ନା ବେଶି କଂପ୍ୟୁଟର ଉତ୍ପାଦନ କରିବ । କାହାର ଆବଶ୍ୟକତା ଆଗେ ଦେଖିବା, ଗରୀବମାନଙ୍କର ଅବା ଧନୀକମାନଙ୍କର । ଉତ୍ପାଦିତ ସମଗ୍ର ଦ୍ରବ୍ୟ ଓ ସେବା ସମସ୍ତେ ସମାନ ଅଂଶରେ ପାଇବା ଉଚିତକି ? ଯଦିଓ କିଛି ଲୋକ ଅଛନ୍ତି, ଯେଉଁମାନଙ୍କର ଆବଶ୍ୟକତା ଅଧିକା ? ଏ ସମସ୍ତ ନିଷ୍ପତ୍ତି ସମାଜରେ ଆୟ ଓ ସମ୍ପଦର ପରିବଣ୍ଟନକୁ ସୂଚାଏ ।

### ପାଠ୍ୟ ପ୍ରଶ୍ନାବଳୀ ୫.୨

୧. ଅର୍ଥନୈତିକ ସମସ୍ୟା ଉଦ୍ରେକ ହେବାର ଗୋଟିଏ କାରଣ ଦର୍ଶାଅ ।

୨. ଗୋଟିଏ ଅର୍ଥନୀତିର ମୌଳିକ ତିନୋଟି ସମସ୍ୟା ଉଲ୍ଲେଖ କର ।

### ୫.୨.୧.୧ ପୁଞ୍ଜିବାଦ ଅର୍ଥନୀତିରେ ସମ୍ବଳର ବିନିଯୋଗ

ପୁଞ୍ଜିବାଦ ଅର୍ଥନୀତି ଏମିତି ଏକ ବ୍ୟବସ୍ଥା କଥା କୁହେ ଯେଉଁଠାରେ ଉତ୍ପାଦନର ଉପାଦାନ ଗୁଡ଼ିକ ଘରୋଇ ମାଲିକାନାରେ ରୁହେ ଏବଂ ଦ୍ରବ୍ୟ ଓ ସେବା ସର୍ବାଧିକ ଲାଭ ଉଦ୍ଦେଶ୍ୟରେ ହିଁ ଉତ୍ପାଦିତ ହୁଏ । ଏକ ପୁଞ୍ଜିବାଦ ଅର୍ଥନୀତିରେ (ବଜାରୀକୃତ) ଏମିତି କେହି କେନ୍ଦ୍ରୀୟ ପ୍ରମୁଖ ନଥାନ୍ତି ଯିଏକି ଦ୍ରବ୍ୟ ଓ ସେବା ଉତ୍ପାଦନର ପସନ୍ଦ ପାଇଁ ମାର୍ଗ ଦର୍ଶନ ନେଇ ପାରିବେ । ଉତ୍ପାଦନ, କୃଷକ, ଉତ୍ପାଦକ, ପ୍ରସ୍ତୁତକର୍ତ୍ତା ତଥା ସେବା ପ୍ରଦାନକାରୀ ବ୍ୟକ୍ତି ବିଶେଷଙ୍କ ହାତରେ ଥାଏ । ଭୂମି, ଶ୍ରମ, ପୁଞ୍ଜି ଆଦି ସମ୍ବଳ ବ୍ୟକ୍ତିଗତ

ମାଲିକାନାରେ ଥାଏ । ସେହି ସବୁ ବ୍ୟକ୍ତି ବିଶେଷ ବଜାର ପାଇଁ ପ୍ରସ୍ତୁତ କରନ୍ତି ଏବଂ ଲାଭ ଉଦ୍ଦେଶ୍ୟରେ ନିୟନ୍ତ୍ରିତ ହୋଇଥାନ୍ତି । ସେମାନେ କେବଳ ସେଇ ସାମଗ୍ରୀ ପ୍ରସ୍ତୁତ କରନ୍ତି ଯାହା କେବଳ ଖାଉଟିଙ୍କର ଚାହିଦା ଅଛି । ସେମାନେ ସାମଗ୍ରୀଟିକୁ ସର୍ବନିମ୍ନ ଖର୍ଚ୍ଚରେ ଉତ୍ପାଦିତ କରିବାକୁ ଚାହାନ୍ତି ଯାହା ଫଳରେ ସର୍ବାଧିକ ଲାଭ ସେମାନେ ଅର୍ଜନ କରିପାରିବେ । ସେହି ଉତ୍ପାଦକମାନେ ଚେଷ୍ଟା କରନ୍ତି ସେମାନଙ୍କ ସମ୍ବଳକୁ ସେଇ ସାମଗ୍ରୀର ଉତ୍ପାଦନରୁ ହଟାଇ ନେବାକୁ ବା ଘୁଞ୍ଚାଇ ନେବାକୁ ଯାହା ଲୋକମାନେ ଖରିଦ କରୁନାହାନ୍ତି, ଏବଂ ବିନିଯୋଗ କରନ୍ତି ସେଠାରେ ଯାହା ଖାଉଟି ଖରିଦ କରିବାକୁ ଚାହାନ୍ତି । ଏହି ସବୁ ଉତ୍ପାଦିତ ସାମଗ୍ରୀ ସେଇମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଯାହାଙ୍କର ଏଥିପ୍ରତି ଚାହିଦା ଅଛି ଏବଂ ସାର୍ମଥ୍ୟ ଅଛି ଖରିଦ କରିବା ପାଇଁ ।

"ରାଜନ ଜଣେ ବ୍ୟବସାୟୀ ଯିଏ ସାର୍ଟ ତିଆରି କରନ୍ତି । ସିଏ ଅନୁଭବ କଲେ ଯେ ସେ ତିଆରି କରୁଥିବା ସାର୍ଟ୍ ଅନେକ ବିକ୍ରି ହେଉନାହିଁ । ସେ କଥା ମଧ ନିରୀକ୍ଷଣ କଲେଯେ ଯୁବକଯୁବତୀମାନେ ଆଜିକାଲି ଟି-ସାର୍ଟ ପିନ୍ଧୁଛନ୍ତି । ଏହି ଯୁବକମାନେ ଆଜିକାଲି ଟି-ସାର୍ଟ୍‌ରେ ପଇସା ଖର୍ଚ୍ଚ କରୁଛନ୍ତି ସାର୍ଟରେ ନୁହେଁ । ଯେହେତୁ ରାଜନର ଲାଭ କମିଆସିଲା ସେ ଚିନ୍ତାକଲା ସାର୍ଟ୍ ବଦଳରେ ଟି-ସାର୍ଟ୍ ତିଆରି କରିବ । ଯେହେତୁ ସମ୍ବଳ ସୀମିତ ଥିଲା, ସେ ତା ସମ୍ବଳକୁ ଟି-ସାର୍ଟ ତିଆରିରେ ବିନିଯୋଗ କଲା କିଶୋରମାନଙ୍କ ଚାହିଦାକୁ ଦେଖି । ରାଜନ ବର୍ତ୍ତମାନ ଟି- ସାର୍ଟ୍ ତିଆରି କରିପାରିବ ତାର ଦୁଇଟା ସିଲେଇ ମେସିନ୍ ଏବଂ ୧୦ ଜଣ କାରିଗରକୁ ଲଗାଇ । ଏହି ପ୍ରକ୍ରିୟାରେ ପ୍ରତ୍ୟେକ ଟି-ସାର୍ଟ୍ ପାଇଁ ତାଙ୍କୁ ୧୦୦ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ଆଉ ଗୋଟିଏ ବିକଳ୍ପପରେ ସେ ପାଞ୍ଚଟା ମେସିନ୍ ଏବଂ ଆଠଜଣ କାରିଗରଙ୍କୁ ଲଗାଇ ଟି-ସାର୍ଟ୍ ତିଆରି କରିପାରିବ ଯେଉଁଥିରେ ଟିସାର୍ଟ୍‌ଗୁଡ଼ିକ ତିଆରି ଖର୍ଚ୍ଚ ୧୨୫ ଟଙ୍କା ପଡ଼ିବ । ରାଜନ ପ୍ରଥମ ପସନ୍ଦ ଯାହାକି ସବୁଠାରୁ ଶସ୍ତା ଗ୍ରହଣ କରିବ କାରଣ ସେ ଟି-ସାର୍ଟ୍ ବିକି ଯେତେପାରେ ସେତେ ଲାଭ କରିବାକୁ ଇଚ୍ଛୁକ । ରାଜନ ଟି-ସାର୍ଟ୍‌ଗୁଡ଼ିକ ବର୍ତ୍ତମାନ ଯୁବକମାନଙ୍କ ପାଖରେ ବହୁତ ଆଦୃତ । ସେ ଅଧିକା ଲାଭକରୁଛି ବର୍ତ୍ତମାନ ଖାଲି ସାର୍ଟ ତିଆରି କରି । ଯେଉଁ ଯୁବକମାନେ ୧୦୦ ଟଙ୍କା ଦେଇପାରିବେ ସେମାନେ ସମସ୍ତେ ରାଜନ ତିଆରି କରୁଥିବା ଟି-ସାର୍ଟ୍ ପିନ୍ଧୁଛନ୍ତି ।

ଏବେ ପୁଞ୍ଜିବାଦ ଅର୍ଥନୀତି ବ୍ୟବସ୍ଥାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ନିମ୍ନରେ ଦିଆଗଲା ।

୧. କେବଳ ସେଇ ଦ୍ରବ୍ୟ ଓ ସେବା ଉତ୍ପାଦନ ହେବ ଯାହା ଖାଉଟି ଚାହିଁବା ଆବଶ୍ୟକ କରିବେ ।

୨. ସର୍ବନିମ୍ନ ଖର୍ଚ୍ଚରେ ସର୍ବାଧିକ ପରିମାଣ ଦ୍ରବ୍ୟ ଉତ୍ପାଦିତ ହୁଏ ।

୩. ସାମଗ୍ରୀ ଓ ସେବା ସେଇମାନଙ୍କ ପାଇଁ ଉତ୍ପାଦିତ ହୁଏ ଯିଏ ତାର ଦାମ୍ ଦେଇପାରିବେ ।

### ୫.୨.୧.୨ ଯୋଜନାବଦ୍ଧ ଅର୍ଥନୀତି ବ୍ୟବସ୍ଥାରେ ସମ୍ବଳର ବିନିଯୋଗ

ଗୋଟିଏ ଯୋଜନାବଦ୍ଧ ଅର୍ଥନୀତିକ ବ୍ୟବସ୍ଥାରେ ସରକାରଙ୍କ ଏକ କେନ୍ଦ୍ରୀୟ ଯୋଜନା ଅଧିକ୍ରେତା ଥାନ୍ତି, ଯିଏକି ନିଷ୍ପତ୍ତି ନିଏ, କ'ଣ ଉତ୍ପାଦିତ ହେବ, କିପରି ଉତ୍ପାଦିତ ହେବ ଏବଂ କାହା ପାଇଁ ଉତ୍ପାଦିତ ହେବ । ଯୋଜନା ଅଧିକାରୀମାନେ ଉତ୍ପାଦନର ଲକ୍ଷ୍ୟ ସ୍ଥିରକରନ୍ତି । ସରକାର ଲକ୍ଷ୍ୟ ସ୍ଥିରକରନ୍ତି ଏବଂ ପ୍ରତି.ଷ୍ଠାନମାନେ ଲକ୍ଷ୍ୟ ପୂରଣରେ ଲାଗିପଡ଼ନ୍ତି । ଲକ୍ଷ୍ୟ ନେଇ ଯେତେବେଳେ ବୁଝାମଣା ହୋଇଯାଏ ପ୍ରତିଷ୍ଠାନମାନେ ଉତ୍ପାଦନ ଆରମ୍ଭ କରିଦିଅନ୍ତି । ବଜାର ଅର୍ଥନୀତିରେ ଯେପରି ଯାହାର ପଇସା ଅଛି ସେ ଅଭାବ ପୂରଣ କରିପାରିବ ଯାହାର ଜିନିଷ କିଣିବାର ସାମର୍ଥ୍ୟ ନାହିଁ ସେ ତା ଅଭାବ ପୂରଣ କରିପାରିବନି,ଏହା ସେପରି ନୁହେଁ । ଏକ ଯୋଜନାବଦ୍ଧ ବ୍ୟବସ୍ଥାରେ ସରକାର ଚାହାନ୍ତି ସମସ୍ତେ ସମାନ । ସରକାର ଏମିତି ସାମଗ୍ରୀ ଉତ୍ପାଦନ କରନ୍ତି ଯାହା ସମସ୍ତେ ଚାହାନ୍ତି ଏବଂ ସମସ୍ତେ ବାଣ୍ଟିକରି ଭାଗକରନ୍ତି । ଏହା ନୁହେଁ ଯେ ଯିଏ ଦେଇପାରିବ ସେ ଅଧିକା ଜିନିଷ ପାଇପାରିବ । ଅନ୍ତତଃ ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଓ ଗୃହ ପରି ସେବାରେ ସମସ୍ତେ ସମାନ ସୁଯୋଗ ପାଆନ୍ତି, ସେମାନଙ୍କ ଦେଇ ପାରିବାର କ୍ଷମତା ନିର୍ବିଶେଷରେ । ଏଣୁ ଯୋଜନାବଦ୍ଧ ଅର୍ଥନୀତିରେ ସରକାର ନିଷ୍ପତ୍ତି ନିଏ କ'ଣ ? ଲୋକମାନଙ୍କ ପାଇଁ ଉତ୍ପାଦିତ ହେବା ଉଚିତ ନୁହେଁ ଯେଉଁ ସବୁକୁ ଜନସାଧାରଣ ଯାହା ଚାହାଁନ୍ତି ତାହା ଉତ୍ପାଦିତ କରିବା । ତେଣୁ ସରକାର ସମସ୍ତଙ୍କର ଅଭାବ ପୂରଣ ପାଇଁ ଦ୍ରବ୍ୟ ଓ ସେବା ଉତ୍ପାଦନ କରେ । ଯେହେତୁ ସରକାର ସ୍ଥିର କରେ ବିଭିନ୍ନ ସାମଗ୍ରୀର ଉତ୍ପାଦନ ଓ

ପରିମାଣ ହୁଏତ ଏଇଆ ହୋଇପାରେ, ସରକାର କରୁଥିବା କାରଣରୁ ବେଶି କାର ଓ ଟ୍ରାକ୍ଟର ଉତ୍ପାଦନ କରିଦେଇପାରେ ଯେତେବେଳେ କି ଖାଉଟି ବେଶି ସ୍କୁଟର ଚାହୁଁଥାଏ । କିପରି ଉତ୍ପାଦନ ହେବ, କେନ୍ଦ୍ରୀୟ ଯୋଜନା ଅଧିକ୍ରେତା ଅନେକ ଜିନିଷର ମୂଲ୍ୟ ନିର୍ଦ୍ଧାରଣ କରିପାରନ୍ତି ନାହିଁ ଏଣୁ ଏଥିରେ ଗୋଟେ ବିପଦ ଥାଏଯେ ସମ୍ବଳର ସଠିକ୍ ବିନିଯୋଗ ହୋଇପାରେନି ବା ଉତ୍ତମ ବିନିଯୋଗ ହୋଇପାରେନି । ଏକ ସମାଜବାଦ ଅର୍ଥନୀତିରେ ମୌଳିକ ଆବଶ୍ୟକତା ଖାଦ୍ୟ, ବସ୍ତ୍ର ଓ ବାସଗୃହର ଚାହିଦା ପୂରଣ ପାଇଁ କାହାପାଇଁ ଉତ୍ପାଦିତ ହେବାର ସମସ୍ୟା ସମାଧାନ କରିଥାଏ । ସମସ୍ତେ ସମାନ ଭାବରେ ଗୁରୁତ୍ୱ ପାଆନ୍ତି ଓ କେହି କାହାଠାରୁ ଆଗୁଆ ବିଚାରିତ ହୁଅନ୍ତି ନାହିଁ । ତେବେ ସେ ଯାହାହେଉ ଏ କଥା କୁହାଯାଇଛି ଯେ ଯୋଜନାବଦ୍ଧ ଅର୍ଥନୀତି ବ୍ୟବସ୍ଥାରେ ସମ୍ବଳର ଉତ୍ତମ ବିନିଯୋଗ ହୋଇନଥାଏ କାରଣ ଏହା ଲୋକଙ୍କ ପସନ୍ଦ ଓ ପ୍ରାଥମିକତା ଉପରେ ପର୍ଯ୍ୟବେଶିତ ନୁହେଁ । ଏହା ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭରଶୀଳ । କିନ୍ତୁ ଏହାଯେ, ବ୍ୟବସ୍ଥାଟି ସମାଜ ମଙ୍ଗଳ ନୀତି ଆଧାରରେ ପର୍ଯ୍ୟବେଶିତ ।

### ୫.୨.୧.୩ ମିଶ୍ରିତ ଅର୍ଥନୀତିରେ ସମ୍ବଳର ବିନିଯୋଗ

ଏକ ମିଶ୍ରିତ ଅର୍ଥନୀତିକ ବ୍ୟବସ୍ଥାରେ ଉଭୟ ସରକାରୀ ଯୋଜନା ଓ ମୁକ୍ତ ଅର୍ଥନୀତିର ଯୁଗ୍ମ ସହବସ୍ଥାନ ଥାଏ । ପୃଥିବୀରେ କେଉଁ ଅର୍ଥନୀତି ସଂପୂର୍ଣ୍ଣ କେନ୍ଦ୍ରୀୟ ଯୋଜନାକୃତ ନୁହେଁ ବା ମୁକ୍ତ ବଜାର ଅର୍ଥନୀତି ନୁହେଁ । ବହୁତଗୁଡ଼ିଏ ଅର୍ଥନୀତି ଆଜି ମିଶ୍ରିତ ଅର୍ଥନୀତି ଶ୍ରେଣୀର । ଏକ ମିଶ୍ର ଅର୍ଥନୀତିରେ ପସନ୍ଦଯୋଗ୍ୟ ସେବା ଓ ସାମଗ୍ରୀ ଯାହାକି ଘରୋଇ ଉଦ୍ୟୋଗ ଦ୍ୱାରା ପ୍ରସ୍ତୁତ କରାଯାଏ ତାହା ଲାଭ ମନୋବୃତ୍ତି ଦ୍ୱାରା ପ୍ରେରିତ ହୋଇଥାଏ । ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ସେବା ଓ ସାମଗ୍ରୀ ଲୋକଙ୍କ (ଜନସାଧାରଣଙ୍କ) ଦରକାର ଓ ଆବଶ୍ୟକତାକୁ ନେଇ କରାଯାଇଥାଏ । ମିଶ୍ର ଅର୍ଥନୀତି ଉତ୍ପାଦନ ଦକ୍ଷତା ଓ ବଣ୍ଟନର ଯଥାର୍ଥତାକୁ ଗୁରୁତ୍ୱ ଦେଇଥାଏ । ସରକାର ଦୁର୍ଲଭ ସମ୍ବଳ ସହାୟତାରେ ଦ୍ରବ୍ୟ ଓ ସେବା ଉତ୍ପାଦନ କରେ ଯାହା ସେ ଅନୁଭବ କରେ ସରକାରଙ୍କର ଓ ଜନସାଧାରଣଙ୍କ ଆବଶ୍ୟକତା । ବ୍ୟକ୍ତିବିଶେଷ ଏବଂ ପ୍ରତିଷ୍ଠାନ ମାନେ ଘରୋଇ କ୍ଷେତ୍ରରେ ଦୁର୍ଲଭ ସମ୍ପଳର ମାଲିକାନା ମଧ୍ୟ ଅକ୍ତିଆର କରନ୍ତି, ଉଦ୍ଦେଶ୍ୟ କିନ୍ତୁ ଥାଏ ଯେତେପାର ସେତେ ପଇସା ରୋଜଗାର କରିବା । ଅତଏବ ମିଶ୍ରିତ ଅର୍ଥନୀତି ବ୍ୟବସ୍ଥା ଉଭୟ ମୁକ୍ତ ବଜାର ଅର୍ଥନୀତିର ଭଲ ଗୁଣ ବା ଫଳାଫଳକୁ ଓ ଯୋଜନାବଦ୍ଧ ଅର୍ଥନୀତିର ଭଲଗୁଣ ବା ଲାଭକୁ ମିଶାଇ କାର୍ଯ୍ୟ କରିବାକୁ ପ୍ରଚେଷ୍ଟା କରେ ।

### ପାଠ୍ୟ ପ୍ରଶ୍ନାବଳୀ ୫.୩

୧. ସେବା ଓ ସାମଗ୍ରୀ ଉତ୍ପାଦନ କରିବାର ମୁଖ୍ୟ ଉଦ୍ଦ୍ୟେ କ'ଣ ?

(କ) ବଜାର ଅର୍ଥନୀତିରେ

(ଖ) ଯୋଜନାକୃତ ଅର୍ଥନୀତିରେ

୨. କାହାପାଇଁ ବଜାର ଅର୍ଥନୀତିରେ ଦ୍ରବ୍ୟ ଉତ୍ପାଦନ ହୁଏ ।

ଆମେ ଆଲୋଚନା କଲେଯେ ସମ୍ବଳ ସୀମିତ ଏବଂ ଏହା ବିଭିନ୍ନ ପ୍ରକାରର ସାମଗ୍ରୀ ଉତ୍ପାଦନ ପାଇଁ ସକ୍ଷମ । କ'ଣ ଉତ୍ପାଦନ ହେବ ଏବଂ କେତେ ଏ ସଂପର୍କିତ ନିଷ୍ପତ୍ତି ଅର୍ଥନୀତି ନେଲା ବେଳେ ଅର୍ଥନୀତିକୁ ଦେଖିବାକୁ ହେବ । ବିଭିନ୍ନ ସମ୍ଭାବ୍ୟ ସାମଗ୍ରୀ ପାଇଁ ସମ୍ବଳ କିପରି ବିନିଯୋଗ କରାଯିବ । ଧରି ନିଆଯାଉ ଅର୍ଥନୀତି କେବଳ ଗହମ ଓ ବାଇସାଇକେଲ ପ୍ରସ୍ତୁତ କରୁଛି । ସମୁଦାୟ ସମ୍ବଳ ଯେହେତୁ ସୀମିତ, ଯଦି ସମସ୍ତ ସମ୍ବଳକୁ ଗହମ ଉତ୍ପାଦନରେ ବିନିଯୋଗ କରାଯାଏ ତେବେ ୨୦ ପୁଇଣ୍ଟାଲ ଗହମ ଉତ୍ପାଦିତ ହେବ ଏବଂ ସାଇକେଲ ଜମାରୁ ଉତ୍ପାଦିତ ହୋଇପାରିବ ନାହିଁ । ଯଦି ଅଧିକାରୁ ଅଧିକା ସମ୍ବଳ ସାଇକେଲ ଉତ୍ପାଦନ

ପାଇଁ ବ୍ୟବହୃତ ହେବ, ଖୁବ୍ କମ ସମ୍ବଳ ବଞ୍ଚିବ ଗହମ ଉତ୍ପାଦନ ପାଇଁ । ଠିକ୍ ସେତିକି ସବୁ ସମ୍ବଳ ଯଦି କେବେଳ ସାଇକେଲ ତିଆରିରେ ବିନିଯୋଗ ହେବ ୧୦୦ଟି ବାଇସାଇକେଲ ତିଆରି ହୋଇପାରିବ କିନ୍ତୁ ଗହମ ଉତ୍ପାଦନ ପାଇଁ ଆଉ ସମ୍ବଳ କିଛି ରହିବ ନାହିଁ ।

**ସାରଣୀ-୧ ଉତ୍ପାଦନ ସମ୍ଭାବନା**

| ଉତ୍ପାଦନ ସମ୍ଭାବନା | ଗହମ (କୁଇଣ୍ଟାଲରେ) | ବାଇସାଇକେଲ |
|---|---|---|
| କ | ୨୦ | ୦ |
| ଖ | ୮ | ୩୦ |
| ଗ | ୫ | ୬୦ |
| ଘ | ୨ | ୭୫ |
| ଙ | ୦ | ୧୦୦ |

ଉପରୋକ୍ତ ସାରଣୀ ଦୁଇଟି, ସାମଗ୍ରୀର ବିଭିନ୍ନ ସମ୍ଭାବ୍ୟ ଉତ୍ପାଦନର ଗହମ ଓ ସାଇକେଲ ଏକ ଉଦାହରଣ । ଏଠାରେ ଆମେ କେବଳ ପାଞ୍ଚୋଟି ସମ୍ଭାବନା ଦେଖୁଛେ । ଆଉ ସମ୍ଭାବନା ମଧ୍ୟ ସମ୍ଭବ ହୋଇପାରେ । ଯଦି କିଛି ଗହମକୁ ବାଦ ଦିଆଯାଇପାରେ ଆମେ ଅଧିକ ସାଇକେଲ ପାଇପାରିବା, ଯଦି କିଛି ବାଇସାଇକେଲ ବାଦ ଦିଆଯିବ ତେବେ ଗହମ ଅଧିକ ଉତ୍ପାଦନ ହୋଇପାରିବ । ସେଥିପାଇଁ ସ୍ୱଳ୍ପ ସମ୍ବଳ ବିଭିନ୍ନ ବିକଳ୍ପ ଉତ୍ପାଦନ ପ୍ରକ୍ରିୟାରେ ବିଭିନ୍ନ ଅନୁପାତରେ ପ୍ରୟୋଗ କରାଯାଇ ପାରିବ ।

### ୫.୨.୨ ସମ୍ବଳର ପୂର୍ଣ୍ଣାଙ୍ଗ ଉପଯୋଗ

ଅର୍ଥନୀତିର ଆଉ ଏକ ମୁଖ୍ୟ ସମସ୍ୟା ହେଉଛି ସମ୍ବଳର ପୂର୍ଣ୍ଣ ବିନିଯୋଗ ଯଥା ଭୂମି, ଶ୍ରମ ଓ ପୁଞ୍ଜି । ତୁମେ ଦେଖିଲ ଯେ ତୁମେ ଅଧିକା ବାଇସାଇକେଲ ଉତ୍ପାଦନ କରିପାରିବ ଯଦି ତୁମେ କିଛି ଗହମ ଉତ୍ପାଦନକୁ ବାଦ ଦେଇପାରିବ । ଯଦି ଗୋଟିଏ ଅର୍ଥନୀତିର ସମସ୍ତ ସମ୍ବଳ ବିନିଯୋଗ ସଂପୂର୍ଣ୍ଣ ଭାବରେ, ତେବେ ଗୋଟିକର ପରିମାଣ ବଢ଼ାଇବାକୁ ହେଲେ ଆଉ ଗୋଟିକର ପରିମାଣ କମାଇବାକୁ ପଡ଼ିବ । ଏହା ସମ୍ଭବ ଯେତେବେଳେ ଉତ୍ପାଦନ ପୂର୍ଣ୍ଣରୂପେ ଦକ୍ଷ ଯୋଗ୍ୟ । କିନ୍ତୁ ବହୁତ ସମୟରେ ଦେଖାଯାଏ ଉତ୍ପାଦନ ଯୋଗ୍ୟତା ଅନୁସାରେ ହୁଏନାହିଁ ଉତ୍ପାଦନର ଉପାଦନଗୁଡ଼ିକ ପୂର୍ଣ୍ଣ ବିନିଯୁକ୍ତ ହୋଇପାରନ୍ତିନି ଏବଂ ଉତ୍ପାଦନ ପୂର୍ଣ୍ଣ ଉତ୍ପାଦନଠାରୁ କମ ହୁଏ ବା ଦକ୍ଷତାଠାରୁ କମ ହୋଇଥାଏ । ତୁମେ ଦେଖିଥିବ ତୁମ ପରିବାରର କେହି ବା କେହି ବନ୍ଧୁ ଶିକ୍ଷିତ ହେବା ସତ୍ତ୍ୱେ ମଧ ବେକାର ଥାଆନ୍ତି । ଠିକ୍ ସେହିପରି ଆମ ଚାଷ ଜମିରେ ଆମେ ଏବେବି ଗୋଟିଏ ମାତ୍ର ଶସ୍ୟ ଉତ୍ପାଦନ କରିଥାଉଁ ବର୍ଷକୁ । ଏହା ଏକ ଭଲ ଲକ୍ଷଣ ନୁହେଁ ଯେହେତୁ ସମ୍ବଳ ସୀମିତ । ଯଦି ଏହି ସୀମିତ/ସ୍ୱଳ୍ପ ସମ୍ବଳ ପୂର୍ଣ୍ଣ ବିନିଯୁକ୍ତ ନୁହେଁ ତେବେ ତାହା ସମ୍ପଦ ବିନିଷ୍ଟ ହେବା ସହ ସମାନ । ଏଣୁ ଅର୍ଥନୀତିର ଦାୟୀତ୍ୱ ହେଉଛି ସ୍ୱଳ୍ପ ସମ୍ବଳ ଯେପରି ଅବ୍ୟବହୃତ ବା ଅଳ୍ପ ବ୍ୟବହୃତ ନ ହୁଏ ।

### ୫.୨.୩ ସମ୍ବଳର ଅଭିବୃଦ୍ଧି

ଯଦି ଶ୍ରମ, ପୁଞ୍ଜି ଏବଂ ବୈଷୟିକ କୌଶଳ ପରି ସମ୍ବଳ ଏକ ନିର୍ଦ୍ଦିଷ୍ଟ ଅବଧି ମଧରେ ବୃଦ୍ଧି ପାଆନ୍ତା ତେବେ ସମ୍ବଳ ସ୍ୱଳ୍ପତାର ସମସ୍ୟା ରୁହନ୍ତା ନାହିଁ । ଏଣୁ ଏକ ଅର୍ଥନୀତିର ବା ଯେ କୌଣସି ଅର୍ଥନୀତିର ଅଭିବୃଦ୍ଧି ପାଇଁ ମିଳୁଥିବା ସମ୍ବଳର ମଧ ବୃଦ୍ଧିହେବା ଦରକାର । ସମ୍ବଳର ଦକ୍ଷ ଅଭିବୃଦ୍ଧି ହିଁ ଏକ ସମାଜର ଉଚ୍ଚ

ଜୀବନଧାରଣର ମାନ ବଜାୟ ରକ୍ଷା କରିବାରେ ସହାୟକ ହୁଏ, ଏହା ହିଁ ହେଉଛି ଦେଶ ଉନ୍ନତ ବା ଅଭିବୃଦ୍ଧି ହେବାର ରହସ୍ୟ । ଯଦି ସମ୍ବଳର ଅଭିବୃଦ୍ଧି ନହେଲା ତାହାଲେ ରାଷ୍ଟ୍ରଗୁଡ଼ିକ ଅନୁନ୍ନତ ରହିଯିବେ । ଏଣୁ ଅର୍ଥନୀତି ପ୍ରଚେଷ୍ଟା ଜାରି ରଖିବା ଉଚିତ ଯେପରି ତାହାର ସମ୍ବଳ ଧିରେ ଧିରେ ପର୍ଯ୍ୟାୟ କ୍ରମେ ବୃଦ୍ଧି ପାଇବ । ଆବଶ୍ୟକତା ପୂରଣ ପାଇଁ ସମ୍ବଳର ବୃଦ୍ଧିପାଇବା ଦରକାର ।

## ପାଠ୍ୟ ପ୍ରଶ୍ନାବଳୀ ୫.୪

୧. ସମ୍ବଳ ବିନିଯୋଗର ଏକ ଉଦାହରଣ ଦିଅ ।

୨. ସମ୍ବଳ ଅଭିବୃଦ୍ଧିର ଦୁଇଟି ଉଦାହରଣ ଦିଅ ।

## କ'ଣ ତୁମେ ଶିଖିଲ

- ପସନ୍ଦ ଉଦ୍ରେକ ହୁଏ କାରଣ (କ) ସମ୍ବଳ ସ୍ୱଳ୍ପ (ଖ) ସମ୍ବଳକୁ ବିଭିନ୍ନ ବିକଳ୍ପ ବ୍ୟବହାର ରେ ଲଗା ଯାଇପାରିବ ।
- ଗୋଟିଏ ଅର୍ଥନୀତିର ତିନୋଟି ମୁଖ୍ୟ ମୌଳିକ ସମସ୍ୟାର ସମ୍ମୁଖୀନ ହୁଏ "କ'ଣ କ'ଣ" ଦ୍ରବ୍ୟ ଓ ସେବା ଉତ୍ପାଦିତ ହେବ ? "କିପରି" ଉତ୍ପାଦିତ ହେବ ? ଏବଂ "କାହା" ପାଇଁ ଉତ୍ପାଦିତ ହେବ ?
- ପୁଞ୍ଜିବାଦ ଅର୍ଥନୀତି, ଏପରି ଏକ ଅର୍ଥନୈତିକ ବ୍ୟବସ୍ଥା ଯେଉଁଥିରେ ଉତ୍ପାଦନର ଉପାଦାନଗୁଡ଼ିକ ଘରୋଇ ମାଲିକାନାରେ ଥାଏ ଏବଂ ଦ୍ରବ୍ୟ ଓ ସେବା ଉତ୍ପାଦିତ ହୁଏ ସର୍ବାଧିକ ଲାଭକୁ ଆଖିଆଗରେ ରଖି ।
- ଏକ ଯୋଜନାକୃତ ଅର୍ଥନୀତି ବ୍ୟବସ୍ଥାରେ ସରକାରଙ୍କର ଏକ ଯୋଜନା ପ୍ରଣୟନ ସଂସ୍ଥା କେନ୍ଦ୍ରୀୟ ସ୍ତରରେ ଥାଏ, ଯିଏ ନିଷ୍ପତ୍ତି ନିଏ କଣ ବା କେତେ ଉତ୍ପାଦନ ହେବ, କିପରି ଉତ୍ପାଦନ ହେବ ଏବଂ କାହା ପାଇଁ ଉତ୍ପାଦନ ହେବ ।
- ଗୋଟିଏ ମିଶ୍ରିତ ଅର୍ଥନୀତି ବ୍ୟବସ୍ଥାରେ ସରକାରୀ ଯୋଜନା ଓ ମୁକ୍ତ ବଜାର ଅର୍ଥନୀତି ମିଶି କରିଥାଏ ।
- କୌଣସି ଅର୍ଥନୀତିର ବୃଦ୍ଧିପାଇଁ ସେଇ ଅର୍ଥନୀତିରେ ମିଳୁଥିବା ସମ୍ପଦ ବା ସମ୍ବଳ ଯଥା ଶ୍ରମଶକ୍ତି, ପୁଞ୍ଜି ଏବଂ ବୈଷୟିକ ଜ୍ଞାନର ଅଭିବୃଦ୍ଧି ହେବା ଦରକାର
- ଯଦି ଗୋଟିଏ ଅର୍ଥନୀତିରେ ସମୁଦାୟ ସମ୍ବଳ ବିନିଯୁକ୍ତ, ତେବେ ଗୋଟିଏ ପଦାର୍ଥର ପରିମାଣ ବଢ଼ାଇବାକୁ ହେଲେ ଅନ୍ୟଟିର ପରିମାଣକୁ ବାଦ ଦେବାକୁ ପଡ଼ିବ । ଏହା ଘଟେ ସେତେବେଳେ ଯେବେ ଉତ୍ପାଦନ ପୁରାଦମ୍‌ରେ ବା ଦକ୍ଷତାର ସହିତ ପରିଚାଳିତ ହୁଏ ।
- ଯଦି ସ୍ୱଳ୍ପ ସମ୍ବଳଗୁଡ଼ିକ ପୂର୍ଣ୍ଣଭାବରେ ବିନିଯୋଗ ନୁହେଁ ତେବେ ଏହା ସମ୍ବଳର ବିନଷ୍ଟ ସଙ୍ଗେ ସମାନ । ଏଣୁ ଗୋଟିଏ ଅର୍ଥନୀତିର କର୍ତ୍ତବ୍ୟ ହେଉଛି ସ୍ୱଳ୍ପ ସମ୍ବଳଗୁଡ଼ିକୁ 'ନା', ଅଳ୍ପ ବ୍ୟବହାରକ୍ଷମ କରିବା 'ନା' ଅବ୍ୟବହାର ଯୋଗ୍ୟ କରିବା ।

## ଅନ୍ତିମ ପ୍ରଶ୍ନାବଳୀ

ପ୍ରଶ୍ନ ୧ ଓ ପ୍ରଶ୍ନ ୨ରୁ ଠିକ୍ ଉତ୍ତର ବାଛ ।

୧. ଗୋଟିଏ ଅର୍ଥନୀତିରେ ମୂଳ ସମସ୍ୟା ଉପୁଜେ କାରଣ

 କ. ବହୁତଗୁଡ଼ିଏ ଦ୍ରବ୍ୟ ବା ସାମଗ୍ରୀ ବଜାରରେ ବିକ୍ରି ହୁଏ ।

 ଖ. ସରକାର ନିଷ୍ପତ୍ତି ନିଅନ୍ତି ।

 ଗ. ଶ୍ରମ ଶକ୍ତିର ଅଭାବ ।

 ଘ. ଅଭାବର ବହୁ ବିବିଧତା ଏବଂ ସମ୍ବଳର ସ୍ୱଳ୍ପତା ।

୨. ପସନ୍ଦ ଅର୍ଥନୈତିକ ବ୍ୟବହାରର ମୌଳିକ ତତ୍ତ୍ୱ । କାରଣ

 କ. ବ୍ୟକ୍ତିବିଶେଷ ଯାହା ଚାହିଁଛି ତାହା ବାଛିବା ବା ପସନ୍ଦ କରିବା ତା ପାଇଁ କଷ୍ଟକର ।

 ଖ. ଜନସାଧାରଣଙ୍କ ଆବଶ୍ୟକତା ଦୃଷ୍ଟିରୁ ସମ୍ବଳଗୁଡ଼ିକ ସ୍ୱଳ୍ପ ।

 ଗ. ଜନସାଧାରଣ ଯୁକ୍ତିଯୁକ୍ତ ବ୍ୟବହାର କରିଥାନ୍ତି ।

 ଘ. କୌଣସି ଗୋଟିଏ ବସ୍ତୁର ଦାମ ପସନ୍ଦ ଉପରେ ନିର୍ଭରଶୀଳ ।

୩. ବୁଝାଇ ଲେଖ କିପରି ସ୍ୱଳ୍ପତା ଓ ପସନ୍ଦ ଏକା ସଙ୍ଗରେ ଚାଲନ୍ତି ।

୪. କାହିଁକି ଏକଥା କୁହାଯାଏ ଯେ ମୁକ୍ତ ବଜାର ଅର୍ଥନୀତି ସମ୍ବଳର ପୂର୍ଣ୍ଣ ସଦୁପଯୋଗ ସୁନିଶ୍ଚିତ କରେ ।

୫. ତିନୋଟିଯାକ ମୌଳିକ ବା ମୂଳଭୂତ ସମସ୍ୟାକୁ ବୁଝାଇ ଲେଖ, ପ୍ରତ୍ୟେକର ଗୋଟିଏ ଉପଯୁକ୍ତ ଉଦାହରଣ ଦେଇ ।

## ପାଠ୍ୟ ପ୍ରଶ୍ନାବଳୀର ଉତ୍ତର

**୫.୨**

୧. ସମ୍ବଳର ସ୍ୱଳ୍ପତା

୨. (୧) କ'ଣ ଉତ୍ପାଦିତ ହେବ
 (୨) କିପରି ଉତ୍ପାଦିତ ହେବ
 (୩) କାହାପାଇଁ ଉତ୍ପାଦିତ ହେବ ।

**୫.୩**

୧. କ. ଲାଭ ଉଦ୍ଦେଶ୍ୟରେ
 ଖ. ସମସ୍ତଙ୍କର ଅଭାବ ପୁରଣ ପାଇଁ

୨. କିଏ ମୂଲ୍ୟ ଦେଇ ପାରିବ ? (Who can pay for it)

**୫.୪**

୧. ଶ୍ରମଶକ୍ତି ର ଅବିନିଯୋଗ

୨. ଜନସଂଖ୍ୟା ବୃଦ୍ଧି ମାଧ୍ୟମରେ ଉଭୟ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କ ସଂଖ୍ୟାରେ ବୃଦ୍ଧି ।

# ୬

# ଅର୍ଥନୀତିର ମୌଳିକ କାର୍ଯ୍ୟକଳାପ

ଉତ୍ପାଦନ, ଉପଭୋଗ ଏବଂ ପୁଞ୍ଜିଗଠନ ଗୋଟିଏ ଅର୍ଥନୀତିର ମୌଳିକ କାର୍ଯ୍ୟକଳାପ ବୋଲି କୁହାଯାଏ । ସ୍ୱଳ୍ପ ସମ୍ବଳକୁ ବ୍ୟବହାର କରି ଦ୍ରବ୍ୟ ଓ ସେବାର ଉତ୍ପାଦନ କରାଯାଏ ଆମ ଆବଶ୍ୟକତା ତଥା ଅଭାବ ପୂରଣ କରିବା ଉଦ୍ଦେଶ୍ୟରେ । ଦ୍ରବ୍ୟ ଓ ସେବାର ଉତ୍ପାଦନ ପ୍ରକ୍ରିୟା, ଭୂମି, ଶ୍ରମ, ପୁଞ୍ଜି ଓ ଉଦ୍ୟୋକ୍ତା ବା ସଂଗଠନ ପରି ଉପାଦାନ ଗୁଡ଼ିକ ସମ୍ମିଶ୍ରଣରେ ହୋଇଥାଏ । ଉପାଦାନ ଗୁଡ଼ିକ ଅଧିଶେଷ(ଖଜଣା) ମଜୁରୀ, ସୁଧ ଏବଂ ଲାଭ ସେମାନଙ୍କ ଉତ୍ପାଦନ ପ୍ରକ୍ରିୟାରେ ଦେଉଥିବା ସେବାପାଇଁ ପ୍ରାପ୍ତ ହୁଅନ୍ତି । ଦ୍ରବ୍ୟ ଓ ସେବାର ଉପଭୋଗ ବ୍ୟକ୍ତିବିଶେଷ ବା ସାମୁହିକ ମାନବୀୟ ଅଭାବ ପୁରଣ ପାଇଁ ପ୍ରତ୍ୟେକ୍ଷ ଭାବରେ କରାଯାଉଥିଲେ ତାହାର ସମ୍ମିଶ୍ରଣକୁ ଉପଭୋଗ ପ୍ରକ୍ରିୟା କୁହାଯାଏ । ବର୍ତ୍ତମାନ ଉତ୍ପାଦନର ଏକ ଅଂଶକୁ ଭବିଷ୍ୟତ ପାଇଁ ସଞ୍ଚୟ କରି ରଖାଯାଇ ବର୍ତ୍ତମାନର ପୁଞ୍ଜି ଭଣ୍ଡାର ଯଥା କାରଖାନା, କଳ, କୋଠାବାଡ଼ିରେ ମିଶାଇ ଦିଆଯାଏ । ଫଳରେ ପ୍ରତ୍ୟେକ ବର୍ଷ ଭବିଷ୍ୟତ ଉତ୍ପାଦନ ଦକ୍ଷତା ପ୍ରସାରିତ ହୁଏ । ଏଣୁ ଯାହା ଉତ୍ପାଦନ ହୁଏ ତାହା ବ୍ୟବହାର ହୁଏ । ଉଭୟ ହୁଏତ ଉପଭୋଗ ପାଇଁ ବା ପୁଞ୍ଜିଗଠନ ପାଇଁ ଅବା ଉଭୟ ପାଇଁ ।

## ଉଦ୍ଦେଶ୍ୟ

ଏହି ବିଷୟ ପଢ଼ିଲାପରେ ତୁମେ ଜାଣିପାରିବ ।

- ଉତ୍ପାଦନ କ'ଣ ବୁଝିବ ଓ ତାହାର ଲକ୍ଷ୍ୟ କ'ଣ ?
- ଉତ୍ପାଦନର ଉପାଦାନ ଗୁଡ଼ିକ ଜାଣିବ ଏବଂ ସେ ସବୁ ଉପାଦାନର ଆୟ କ'ଣ ?
- ଉପଭୋଗ କ'ଣ ଜାଣିପାରିବ ।
- ଉପଭୋଗ ପାଇଁ ଉତ୍ପାଦିତ ହେଉଥିବା ସାମଗ୍ରୀ ବା ଦ୍ରବ୍ୟ ବିଷୟରେ ଅବଗତ ହେବ ।
- ଜାଣିପାରିବ କିପରି ଉତ୍ପାଦନ ଓ ଉପଭୋଗ ପୁଞ୍ଜିଗଠନରେ ସହାୟତା କରନ୍ତି ।
- ଅର୍ଥନୈତିକ କାର୍ଯ୍ୟକଳାପର ଚକ୍ରଗତି ନେଇ ଜାଣିପାରିବ ।

## ୬.୧ ଉତ୍ପାଦନ

ପୂର୍ବ ବିଷୟରେ ଆମେ ସମ୍ବଳର ସ୍ୱଳ୍ପତା ଓ ପସନ୍ଦ କରିବା ବା ବାଛିବା କ'ଣ ପଢ଼ିଲେ । ଏଇ ସୀମିତ ବା ସ୍ୱଳ୍ପ ସମ୍ବଳ ଦ୍ରବ୍ୟ ଓ ସେବା ଉତ୍ପାଦନରେ ବ୍ୟବହୃତ ହୁଅନ୍ତି । ଉତ୍ପାଦନର ଲକ୍ଷ୍ୟ ହେଉଛି ଆମ ଅଭାବ ପରିପୁରଣ ।

ଏଇ ଯେଉଁ ଦ୍ରବ୍ୟ ଓ ସେବା ଉତ୍ପାଦିତ ହୁଏ ତାହା ବଜାରରେ ମିଳିପାରେ ଅବା ସରକାରଙ୍କ ଦ୍ୱାରା ସର୍ବସାଧାରଣଙ୍କୁ ଯୋଗାଇ ଦିଆଯାଏ ସାମାନ୍ୟ କିଛି ମୂଲ୍ୟନେଇ । ସେଥିପାଇଁ ଉତ୍ପାଦନକୁ ଉପଯୋଗିତା ସୃଷ୍ଟି କର୍ତ୍ତାବୋଲି ସଂଜ୍ଞା ନିରୁପଣ କରାଯାଇଛି ।

ଉତ୍ପାଦନ ପ୍ରକ୍ରିୟାମାନେ ଦ୍ରବ୍ୟ ଓ ସେବାର ତିଆରିକୁ ବୁଝାଏ । ଯେଉଁମାନେ ପ୍ରସ୍ତୁତ କରନ୍ତି ଏବଂ ବିକ୍ରି କରନ୍ତି ଏଇସବୁ ଦ୍ରବ୍ୟ ଓ ସେବା, ସେମାନଙ୍କୁ ଉତ୍ପାଦକ(Producer) ବୋଲି କୁହାଯାଏ । ଉତ୍ପାଦକଟି ଭୂମି, ଶ୍ରମ, ପୁଞ୍ଜି ଓ ସଂଗଠନର ସମ୍ମିଶ୍ରଣରେ କଞ୍ଚାମାଲକୁ ମିଶାଇ ବିଭିନ୍ନ ପ୍ରକାରର ଦ୍ରବ୍ୟ ଓ ସେବା ପ୍ରସ୍ତୁତ କରନ୍ତି । ଭୂମି, ଶ୍ରମ, ପୁଞ୍ଜି ଏବଂ ସଂଗଠନ (ଉଦ୍ୟୋଗ)କୁ ଉତ୍ପାଦନର ଉପାଦାନ ବା ସାଧନ ବୋଲି କୁହାଯାଏ । ଉତ୍ପାଦକମାନେ ବିଭିନ୍ନ ପ୍ରକାର ଉପାଦାନର ସମ୍ମିଶ୍ରଣରେ ସର୍ବାଧିକ ପରିମାଣର ଦ୍ରବ୍ୟ ଓ ସେବା ଉତ୍ପାଦନ କରିବାପାଇଁ ଚେଷ୍ଟା କରନ୍ତି ।

ଆସ ଏବେ ଜାଣିବା ଅଧିକରୁ ଅଧିକ ଏଇ ଉତ୍ପାଦନର ଉପାଦାନ ମାନଙ୍କ ବିଷୟରେ

### ୬.୧.୧ ଭୂମି (Land)

ଭୂମି ପ୍ରକୃତିର ଦାନ । ଏହା ସମତଳ, ପାହାଡ, ପର୍ବତ ଓ ମାଳଭୂମିକୁ ନେଇ ଗଠିତ । ସମତଳ ଅଞ୍ଚଳ କୃଷି ଓ ଶିଳ୍ପ କାର୍ଯ୍ୟପାଇଁ ଉପଯୋଗୀ । ପାହା. ପର୍ବତ ଅଞ୍ଚଳ ସମତଳ ଅଞ୍ଚଳକୁ ନଦୀ ପ୍ରବାହିତ ହେବାରେ ସହାୟକ ହୋଇଥିବା ବେଳେ ପର୍ଯ୍ୟଟନ ପାଇଁ ସୁବିଧାସୁଯୋଗ ଯୋଗାଇ ଦେଇଥାଏ । ପାର୍ବାତ୍ୟାଞ୍ଚଳରେ ଭରିଥାଏ ଖଣିଖାଦନ, ଜୀବାଶ୍ମ ଇନ୍ଧନ ଓ ଜଙ୍ଗଲ ଖାଦ୍ୟଶସ୍ୟ ଉତ୍ପାଦନପାଇଁ ପନିପରିବା ପାଇଁ ତଥା ଫଳମୂଳ ଆଦି ପାଇଁ ସମତଳ ଅଞ୍ଚଳରେ କୃଷି ଜମିର ଆବଶ୍ୟକତା ଥାଏ । ଏଥିସହିତ ମନୁଷ୍ୟ, ପଶୁପାଳନ, ମତ୍ସ୍ୟପାଳନ ଏବଂ ଜଙ୍ଗଲଜାତ ସମାଗ୍ରୀର କାର୍ଯ୍ୟ କରିଥାଏ ଯାହାକୁ ଆନୁସଙ୍ଗିକ କୃଷିଜାତ କାର୍ଯ୍ୟ ବୋଲି କୁହାଯାଏ । ଭାରତର ଗ୍ରାମାଞ୍ଚଳରେ ହିଁ କୃଷି ଓ ଆନୁସଙ୍ଗିକ କୃଷିକାର୍ଯ୍ୟ କରାଯାଇଥାଏ । ସମତଳ ଅଞ୍ଚଳର କିଛି ଅଞ୍ଚଳକୁ ସ୍ୱତନ୍ତ୍ରଭାବେ ଉନ୍ନତି କରାଯାଇ ଶିଳ୍ପ କାରଖାନା ବସାଯାଏ ଏବଂ ସହର ତଥା ନଗର ମାନ ପ୍ରତିଷ୍ଠା କରାଯାଏ ।

### ୬.୧.୨ ଶ୍ରମ (Labour)

ସାଧାରଣତଃ ଶ୍ରମ କହିଲେ ଏହା ମାନବର ଶାରୀରିକ ତଥା ମାନସିକ ପରିଶ୍ରମକୁ ବୁଝାଏ ଯଦ୍ୱାରା ଦ୍ରବ୍ୟ ଓ ସାମଗ୍ରୀ ଉତ୍ପାଦିତ ହୁଏ । ଚାଷଜମିରେ କାର୍ଯ୍ୟ କରୁଥିବା ବ୍ୟକ୍ତିଟି ଶାରୀରିକ ଶ୍ରମକରେ ବୋଲି କୁହାଯାଏ । ଅପରପକ୍ଷରେ ପୁସ୍ତକ ଲେଖକକୁ ଶ୍ରମକୁ ତାର ମାନସିକ ଶ୍ରମ ଦେଲାବୋଲି କୁହାଯାଏ । ଯେଉଁ ବ୍ୟକ୍ତିମାନେ ଶ୍ରମ ଦିଅନ୍ତି ସେମାନଙ୍କୁ ମାନବସମ୍ବଳ ବୋଲି କୁହାଯାଏ । ଉତ୍ପାଦନ କାର୍ଯ୍ୟକଳାପ ଉଭୟ କୁଶଳୀ ଓ ଅଣକୁଶଳୀ ଶ୍ରମ ଆବଶ୍ୟକ କରେ । ନିରୋଳା ଶାରୀରିକ ଶ୍ରମ ଯଥା ଲଦିବା ଏବଂ ଖଲାସ କରିବା ଜ ମିରେ ହଳ କରିବା ଆଦି ସ୍ୱତନ୍ତ୍ର କୌଶଳ ଆବଶ୍ୟକ କରେନାହିଁ । କିନ୍ତୁ ଜଣେ ଯନ୍ତ୍ରୀ, ଡାକ୍ତର, ଶିକ୍ଷକ, ଓକିଲ, ମେକାନିକ, ଇଲେକ୍ଟ୍ରିସିଆନ ବା ଦରଜୀ ହେବାପାଇଁ ଜଣକୁ କୌଶଳ/ଦକ୍ଷତା ହାସଲ କରିବାକୁ ପଡିବ ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ । ଏହି ଶ୍ରମକୁ ମାନସିକ ଶ୍ରମ ବୋଲି କୁହାଯାଏ ।

### ୬.୧.୩ ପୁଞ୍ଜି (Capital)

ପୁଞ୍ଜି କହିଲେ ଆମେ ମନୁଷ୍ୟକୃତ ସବୁ ସରଞ୍ଜାମ ତଥା ସଂପଦକୁ ବୁଝିବା ଯାହା ଉତ୍ପାଦନର ବ୍ୟବହାର ହୋଇଥାଏ । ପୁଞ୍ଜି କଳକବ୍ଜା ଯନ୍ତ୍ରପାତି, କୋଠାବାଡି, ଭୌତିକ ସଂପଦ ଆଦିକୁ ବୁଝାଏ । ଜମି ଯେଉଁଠାରେ ଏକ ପ୍ରକୃତିଦତ୍ତ ସଂପଦ, ପୁଞ୍ଜି ସେହିଠାରେ ଏକ ମନୁଷ୍ୟକୃତ ସଂପଦ । ପୁଞ୍ଜି ବ୍ୟବହାର କରାଯାଏ ଉତ୍ପାଦନର ଅନ୍ୟାନ୍ୟ ଉପାଦାନ ଗୁଡିକର ଦକ୍ଷତା ବୃଦ୍ଧି କରିବାରେ ଯଥା ଜମି ଓ ଶ୍ରମର । ଭୂମି ବା ଜମିର ଦକ୍ଷତା ବୃଦ୍ଧି କରାଯାଇ ପାରିବ । ଉନ୍ନତ ଜଳସେଚନ ଓ ଯନ୍ତ୍ରପାତି ବ୍ୟବହାର ଦ୍ୱାରା କିନ୍ତୁ ଏକଥା ସତ୍ୟ ଯେ, ପୁଞ୍ଜି ଏକ ଅଣ ସକ୍ରିୟ ଉପାଦାନ ଏବଂ ଶ୍ରମବିନା ବ୍ୟବହାରକ୍ଷମ ନୁହେଁ । ପୁଞ୍ଜିର ଆୟୁ ସୀମିତ ଏବଂ ଏକ

ନିର୍ଦ୍ଦିଷ୍ଟ ଅବଧିପରେ ଅଦରକାରୀ ହୋଇଯାଏ । ସ୍କ୍ରୁଡ୍ରାଇଭର, କାଲକୁଲେଟର ଠାରୁ ନେଇ ବୃହତ ଯନ୍ତ୍ରପାତି ଯଥା, ଇଞ୍ଜିନ, ଟ୍ରାକ୍ଟର,ଜଳଜାହାଜ ଆଦି ସ୍ଥାୟୀପୁଞ୍ଜିର ଏକ ଏକ ଉଦାହରଣ ଯାହା ଉତ୍ପାଦନରେ ବହୁବର୍ଷଧରି ବ୍ୟବହାର ହୋଇଥାଏ । କୋଠାବାଡି ଏବଂ ବୃହଦ ଯନ୍ତ୍ରପାତିକୁ ମଧ୍ୟ ସ୍ଥାୟୀ ପୁଞ୍ଜି ହିସାବରେ ନିଆଯାଏ । କାର୍ଯ୍ୟକାରୀ ପୁଞ୍ଜି ହିସାବରେ, କପାତୁଳା, ବିହନ, ସାରପରି କଞ୍ଚାମାଲକୁ ନିଆଯାଏ, ଯାହା ଉତ୍ପାଦନ ପକ୍ରିୟାରେ ବ୍ୟବହୃତ ହୋଇଥାଏ ।

### ୬.୧.୪ ଉଦ୍ୟୋକ୍ତା ବା ସଂଗଠକ

କିଏ ଜଣେ ନିଶ୍ଚୟ ପ୍ରଥମେ ପ୍ରୟାସ କରିବ, ଉପଯୁକ୍ତ ଅନୁପାତରେ ଭୂମି, ଶ୍ରମ ଓ ପୁଞ୍ଜିକୁ ମିଶ୍ରଣ କରି ଦ୍ରବ୍ୟ ଓ ସେବାର ଉତ୍ପାଦନ ପ୍ରକ୍ରିୟା ଆରମ୍ଭ କରିବାପାଇଁ । ସେହିଁ କେବଳ ଦାୟୀ ରହିବ ଉପଯୁକ୍ତ ଭୂମି, ଶ୍ରମ ଓ ପୁଞ୍ଜି ଚୟନ କରିବାକୁ ଏବଂ କେତେ ପରିମାଣର ଉତ୍ପାଦନ ହେବ, କେତେ ପଇସା ଖର୍ଚ୍ଚହେବ ଉପାଦାନ ଗୁଡିକ ବା କଞ୍ଚାମାଲ କିଣିବା ପାଇଁ ଏବଂ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ତାକୁହିଁ ନେବାକୁ ପଡ଼ିବ । ଉଦ୍ୟୋଗ ହେଉଛି ଉତ୍ପାଦନ ପ୍ରକ୍ରିୟାର ସଂଗଠନିକ କଳା । ଯେଉଁ ବ୍ୟକ୍ତି ନିଷ୍ପତି ନିଏ, ଉତ୍ପାଦନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରେ, ଉତ୍ପାଦନ ଜନିତ ଅନିଶ୍ଚିତତା, କ୍ଷତିର ଆଶଙ୍କାକୁ ବହନ କରେ ତାକୁ ହିଁ ଉଦ୍ୟୋଗୀ ବା ଉଦ୍ୟୋକ୍ତା ବୋଲି କୁହାଯାଏ । ସେ ଜ୍ଞାନୀ, ସାହାସୀ ଏବଂ ନେତୃତ୍ୱ ନେବାର ଦକ୍ଷତା ରଖିବା ଦରକାର । ଜଣେ ଉଦ୍ୟୋଗୀର ଉଦ୍ଦେଶ୍ୟ ହେବା ଉଚିତ୍ କିପରି ନିର୍ଦ୍ଦିଷ୍ଟ ସମ୍ବଳକୁ ବିନିଯୋଗ କରି ସର୍ବାଧିକ ଉତ୍ପାଦନ କରିବ ଏବଂ ଉତ୍ପାଦିତ ଦ୍ରବ୍ୟକୁ ବିକ୍ରି କରିବାର ବ୍ୟବସ୍ଥା କରିବ । ସେ ମଧ୍ୟ ଉତ୍ପାଦନ ର ଅନ୍ୟାନ୍ୟ ଉପାଦାନ ଗୁଡିକୁ ସେମାନଙ୍କ ମୂଲ୍ୟ ନେବାପାଇଁ ଉତ୍ତରଦାୟୀ ।

ସେ ଶ୍ରମିକଙ୍କୁ ମଜୁରୀ ଦିଅନ୍ତି, ଭୂମିମାଲିକକୁ ଅଧିଶେଷ ଦିଅନ୍ତି, ପୁଞ୍ଜି ମାଲିକକୁ ସୁଧ ଦିଅନ୍ତି । ସେମାନଙ୍କର ଉତ୍ପାଦନ ଜନିତ ସେବା ପ୍ରତିବଦଳରେ । ସେହିପରି ସେ ମଧ୍ୟ ଲାଭ ଅର୍ଜନ କରନ୍ତି ତାଙ୍କ ଉତ୍ପାଦନ ପ୍ରକିୟାର ଅବଦାନ ପାଇଁ । ଯେହେତୁ ଏହି ଦେୟ, ଅଧିଶେଷ, ମଜୁରୀ, ସୁଧ ଓ ଲାଭ ଉପାଦାନ ଗୁଡ଼ିକ ପାଇଁ ଉତ୍ପାଦନ ପ୍ରକ୍ରିୟାରେ ଅବଦାନ ପାଇଁ ମିଳିଥାଏ ଏଗୁଡିକୁ ତେଣୁ ଉପାଦାନର ଆୟ ବୋଲି କୁହାଯାଏ ।

### ପାଠ୍ୟ ପ୍ରଶ୍ନାବଳୀ ୬.୧

୧. ତଳେ କେତେଗୁଡିଏ ଉପାଦାନର ତାଲିକା ନିଆଯାଇଛି ଯଦ୍ୱାରା ସାର୍ଟ ତିଆରି ହୁଏ । ସେଗୁଡିକ ପ୍ରକୃତିର ଦାନ, ମାନବସମ୍ବଳ, ସ୍ଥାୟୀପୁଞ୍ଜି ଏବଂ କାର୍ଯ୍ୟକାରୀ ପୁଞ୍ଜିରୂପେ ଚିହ୍ନଟ କର ।

> "ସୂତା, ଯନ୍ତ୍ରପାତି, ଦରଜୀ, କାରଖାନା ପାଇଁ ଭୂମି, କାଠ ଦରଜା, ରଙ୍ଗ, ଡାଇ, କୋଠାବାଡ଼ି, ସିଲେଇ ମେସିନ୍, ଟେଲିଫୋନ୍, ବିପଣନ ପରିଚାଳକ, ବିଜ୍ଞାପନ ପରିଚାଳକ, ପ୍ୟାକେଟ କରୁଥିବା ଯନ୍ତ, କତୁରୀ, ବଟନ (ବୋତାମ), ବ୍ୟାଙ୍କରଣ ଓ ନଗଦ ମୁଦ୍ରା" ।

୨. ନିମ୍ନଲିଖିତ୍ ମଧ୍ୟରୁ କିଏ ଭୂମିର ବୈଶିଷ୍ଟ୍ୟ ନୁହେଁ ।

(କ) ମୋବାଇଲ

(ଖ) ପ୍ରକୃତିର ଦାନ

(ଗ) ସୀମିତ ପରିମାଣ

(ଘ) ଅବିନେଶ୍ୱର ଶକ୍ତି

## ୬.୨ ଉପାଦାନର ଆୟ ( Factor Incomes)

ଉପାଦାନର ଉପାଦାନ ଗୁଡିକ ଜନସାଧାରଣଙ୍କ ମାଲିକାନାରେ ଥାଏ । ଭୂମିମାଲିକ ଦ୍ୱାରା, ଶ୍ରମ ଶ୍ରମିକର ମାଲିକାନାରେ, ପୁଞ୍ଜି ସେଇମାନଙ୍କ ମାଲିକାନାରେ ଥାଏ ଯେଉଁମାନେ ପୁଞ୍ଜି, ଦ୍ରବ୍ୟ ଅକ୍ତିଆର କରନ୍ତି । ଉଦ୍ୟୋଗ ଉଦ୍ୟୋଗୀ ମାଲିକାନାରେ ଥାଏ । ଉତ୍ପାଦନର ଉପାଦାନ ମାଲିକମାନେ ସେମାନଙ୍କ ପ୍ରାପ୍ୟ ସେମାନଙ୍କ ଉତ୍ପାଦନ ପ୍ରକିୟାର ଅବଦାନ ପାଇଁ ପାଆନ୍ତି । ଯେତେବେଳେ ଭୂମି ଖଣ୍ଡିଏ ଲିଜରେ ନିଆଯାଏ ତୁମକୁ ଭୂମି ମାଲିକକୁ ଖଜଣା ଦେବାକୁ ପଡ଼େ । ଭଡାଟିଆ ଏଣୁ ଖଜଣା ଦିଅନ୍ତି ଭୂମି ବ୍ୟବହାର କରିବା କାରଣରୁ । ଶ୍ରମିକ ଦ୍ୱାରା ଦିଆଯାଉଥିବା ସେବାକୁ ଶ୍ରମ କୁହାଯାଏ । ଏଣୁ ସକଳ ପ୍ରକାର ଶ୍ରମକୁ ବୁଝାଏ, ଶାରୀରିକ ଶ୍ରମ, ମାନସିକ ଶ୍ରମି ଆଦି । ଯେତେବେଳେ ଜଣେ ନିଯୁକ୍ତି କର୍ତ୍ତା ଜଣେ ଶ୍ରମିକର ସେବା ଆବଶ୍ୟକ କରିବେ ସେ ତାଙ୍କୁ ସେ ସେବାପାଇଁ ମୂଲ୍ୟଦେବାକୁ ପ୍ରସ୍ତୁତ ହେବା ଦରକାର । ଜଣେ ଶ୍ରମିକକୁ ହାସଲ କରିବା ଅର୍ଥ ତାର ସେବାକୁ ହାସଲ କରିବା । ଯଦି କୌଣସି ବ୍ୟାଙ୍କରୁ ଟ୍ରାକ୍ଟରଟିଏ କିଣିବାପାଇଁ ବିହନ ପାଇଁ ବା ଯନ୍ତ୍ରପାତି ପାଇଁ ଋଣ ନିଆଯାଏ ବ୍ୟାଙ୍କକୁ ସୁଧ ଦେବାକୁ ପଡେ । ତା ହେଲେ ଅଧିଶେଷ ଭୂମିମାଲିକକୁ ଦିଆଯାଏ । ଶ୍ରମିକକୁ ମଜୁରୀ ଦିଆଯାଏ, ସୁଧ ଦିଆଯାଏ ପୁଞ୍ଜିର ମାଲିକଙ୍କୁ ଏବଂ ଲାଭ ଉଦ୍ୟୋଗୀକୁ ଦିଆଯାଏ । ଯେହେତୁ ସେମାନେ ପ୍ରାପ୍ୟ ପାଆନ୍ତି ସେମାନଙ୍କ ଉତ୍ପାଦନ ଜନିତ ସେବାପାଇଁ, ତାହାକୁ ଉପାଦାନର ପ୍ରାପ୍ୟବୋଲି କୁହାଯାଏ ଏବଂ ସେମାନଙ୍କ ଅର୍ଜନକୁ ଉପାଦାନର ଆୟବୋଲି କୁହାଯାଏ ।

## ପାଠ୍ୟ ପ୍ରଶ୍ନାବଳୀ ୬.୨

ରାମସିଂହ ହରିଆନା ରାଜ୍ୟର ଜଣେ କୃଷକ, ଯାହାଙ୍କର ଦୁଇ ହେକ୍ଟର ଜମିଅଛି । ଉଭୟ ସେ ଏବଂ ତାର ସ୍ତ୍ରୀ ରାଣୀ ଜମିରେ କାର୍ଯ୍ୟକରନ୍ତି । ପୂର୍ବରୁ ସେମାନେ କେବଳ ଧାନ ହିଁ ତାଙ୍କ ଜମିରେ ଉତ୍ପାଦନ କରୁଥିଲେ । ବର୍ତ୍ତମାନ ସେମାନେ ଜମିର ଉତ୍ପାଦିକା ବଢ଼ାଇବାକୁ ଚାହୁଁଛନ୍ତି ଦୁଇଟି ଫସଲକରି ଉନ୍ନତ ବିହନ କିସମ ଓ ଜଳସେଚନ ଦ୍ୱାରା । ସେମାନେ ଚାହାଁନ୍ତି ଦୁଇଟା ଫସଲ ଧାନ ଓ ଆଳୁ ଉତ୍ପାଦନ କରିବାପାଇଁ । ଏଥିପାଇଁ ସେମାନେ ପଇସା ଚାହାନ୍ତି ଭଲ କିସମ ବିହନ ଓ ସାର କିଣିବାପାଇଁ । ଯେହେତୁ ସେମାନଙ୍କର ଯଥେଷ୍ଟ ପଇସାନାହିଁ । ଉଭୟ ଅନ୍ୟର ସଂସ୍ଥାରେ ଶ୍ରମିକଭାବେ କାମ କରନ୍ତି । ସେମାନେ ସାର ବିହନ, ପମ୍ପସେଟ୍ ଇତ୍ୟାଦି ପାଇଁ କିଛି ଅର୍ଥ ଖର୍ଚ୍ଚ କରନ୍ତି । କଠିନ ପରିଶ୍ରମ କଳାପରେ ସେମାନେ ସଫଳ ହୁଅନ୍ତି ଉଭୟ ଧାନ ଓ ଆଳୁର ଫସଲ ପାଇବାରେ । ସେମାନେ ସେମାନଙ୍କ ବ୍ୟକ୍ତିଗତ ବ୍ୟବହାର ପାଇଁ କିଛି ଧାନ ଓ ଆଳୁ ରଖି ବାକିତକ ବିକ୍ରି କରିଦିଅନ୍ତି । ସେମାନେ ୧୨,୦୦୦ ଟଙ୍କା, ବିକ୍ରୀକରି ଅର୍ଜନ କରନ୍ତି ।

- ଏଥିରେ ବ୍ୟବହାର ହୋଇଥିବା ଉତ୍ପାଦନର ଉପାଦାନ ଗୁଡିକ ଚିହ୍ନଟ କର ?
- ଏଇ ଉଦାହରଣରେ କି କି ପୁଞ୍ଜି ବ୍ୟବହାର ହୋଇଛି ?

## ୬.୩ ଉପଭୋଗ(Consumption)


ଉତ୍ପାଦନର ଉଦ୍ଦେଶ୍ୟ ହେଉଛି ଉପଭୋଗ ପାଇଁ ସାମଗ୍ରୀ ଓ ସେବା ଉତ୍ପାଦନ/ଉତ୍ପନ୍ନ କରିବା । ସେବା ଓ ସାମଗ୍ରୀର ପ୍ରତ୍ୟକ୍ଷ ବା ସିଧାସଳଖ ଉପଭୋଗ ବ୍ୟକ୍ତିଦ୍ୱାରା ହେଉ ଅବା ସାମୁହିକ ଭାବେ ହେଉଥିବା ପ୍ରକ୍ରିୟାକୁ ଉପଭୋଗ କୁହାଯାଏ । ତାହା ଯଦି ମାନବୀୟ ଅଭାବ ପୁରଣ କରୁଥିବା ଅଭାବ ପୁରଣ ପାଇଁ ଗୃହସ୍ଥି ବହୁତ ପ୍ରକାରର ସାମଗ୍ରୀ ଓ ସେବା ଖରିଦ୍ କରିଥାଏ ଯଥା ସାଇକେଲ, ଫର୍ନିଚର, ଟେଲିଭିଜନ ସେଟ, କାର, ରେଫ୍ରିଜେରେଟର, ଖାଦ୍ୟଶସ୍ୟ, କ୍ଷୀର ତେଲ, ସାବୁନ ଆଦି ଏବଂ ସେବା ଯଥା- ବାରିକ, ଶିକ୍ଷକ, ଡାକ୍ତର, ବ୍ୟାଙ୍କ ଏବଂ ବୀମା କମ୍ପାନୀ ଆଦିଙ୍କର ସେବା ଲୋଡିଥାଏ । ଉତ୍ପାଦନ ଓ ଉପଭୋଗ ମଧ୍ୟରେ ସମୟର ଅନ୍ତର

କିଛିନଥାଏ । ସେବା କ୍ଷେତ୍ରରେ ଉଭୟ ଉତ୍ପାଦନ ଓ ଉପଭୋଗ ଏକା ସଙ୍ଗେ ହୋଇଥାଏ । ତାହା ସଙ୍ଗେ ସଙ୍ଗେ ଉପଭୋଗ ହୋଇଯାଏ ଯେତେ ଶୀଘ୍ର ତାହା ଉତ୍ପାଦିତ ହୁଏ । ଯଥା ଡାକ୍ତର ଓ ଓକିଲ ଓ ଶିକ୍ଷକଙ୍କ ସେବା ଆଦି । ଡାକ୍ତର ପାଖକୁ ଗଲେ ହିଁ ଡାକ୍ତରୀ ଚିକିତ୍ସା ପାଇଁ ତୁମେ ତାଙ୍କ ସେବା ଉପଭୋଗ କର । ଦ୍ରବ୍ୟ ବା ସାମଗ୍ରୀ କ୍ଷେତ୍ରରେ ଏହା ଅଲଗା । ଦ୍ରବ୍ୟ ଉତ୍ପନ୍ନ ହେବା ଓ ଉପଭୋଗ ହେବା ଭିତରେ ଅନ୍ତର ଥାଏ । ଦ୍ରବ୍ୟସବୁ ସେବେ ଉପଭୋଗ କରାଗଲା ବୋଲି ବିଚାର୍ଯ୍ୟ ଯେବେ ତାହା ଖର୍ଚ୍ଚ କରାଯାଏ । ତେବେ ସେ ଯାହାହେଉ କେତେକ ଦୀର୍ଘସ୍ଥାୟୀ ଦ୍ରବ୍ୟ ଯଥା, ଫର୍ନିଚର, ସାଇକେଲ ଆଦି ଅନେକ ବର୍ଷ ପର୍ଯ୍ୟନ୍ତ ସେବା ଦେଇଥାନ୍ତି, ତଥାପି କିନ୍ତୁ ତାକୁ ଆମେ ଯେବେ ଖରିଦ କରୁ ଆମେ ତାକୁ ଉପଭୋଗ କଲୁ ବୋଲି ଧରି ନେଇଥାଉ ।

## ୬.୪ ପୁଞ୍ଜିଗଠନ (Capital Formation)

ଅର୍ଥନୀତିର ତୃତୀୟ ମୁଖ୍ୟ କ୍ରିୟାକଳାପ ହେଉଛି ପୁଞ୍ଜିଗଠନ । ଯେହେତୁ ତୁମେ ପଢ଼ିଅଛ ଉପାଦାନ ମାଲିକମାନେ ସେମାନଙ୍କର ଉପାଦାନର ସେବା ପାଇଁ ଆୟ କରନ୍ତି ସେମାନଙ୍କର ଉତ୍ପାଦନ ଜନିତ ସେବା ପ୍ରତିବଦଳରେ । ସେମାନେ ସେମାନଙ୍କର ଅର୍ଜନରୁ ଏକ ମୁଖ୍ୟ ଅଂଶ ଦ୍ରବ୍ୟ ବା ସେବା ଯଥା ଖାଦ୍ୟସାମଗ୍ରୀ, କପଡା ବା ଲୁଗାପଟା, ଫର୍ନିଚର, ଘରବାଡି, ବାଇସାଇକେଲ, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦିରେ ଖର୍ଚ୍ଚ କରିଥାନ୍ତି । କିନ୍ତୁ ସେମାନେ ସମୁଦାୟ ଆୟକୁ ଏଇ ସବୁ ଦ୍ରବ୍ୟ ଓ ସେବାରେ ଖର୍ଚ୍ଚକରି ନଥାନ୍ତି । ସେମାନେ କିଛି ଆୟ ସଞ୍ଚୟ କରନ୍ତି ଏବଂ ତାକୁ ବ୍ୟାଙ୍କରେ ଭବିଷ୍ୟତ ପାଇଁ ସାଇତି ରଖନ୍ତି । ଉଦାହରଣ ସ୍ୱରୂପ ଯଦି ଜେଣ ବ୍ୟକ୍ତିଙ୍କର ୫୦୦ଟଙ୍କା ଆୟ ହେଉଛି ଏବଂ ସବୁତକ ଖର୍ଚ୍ଚକରି ଦେଉଛନ୍ତି ତେବେ ସଞ୍ଚୟ କିଛିନାହିଁ । କିନ୍ତୁ ସେ ଯଦି ତାଙ୍କୁ ଖର୍ଚ୍ଚକୁ ୩୦୦ଟଙ୍କା ଭିତରେ ସୀମିତ ରଖନ୍ତି ତେବେ ସେ ୨୦୦ଟଙ୍କା ବଞ୍ଚାଇ ପାରିବେ ତାହାକୁ ବ୍ୟାଙ୍କରେ ସଞ୍ଚୟ କରି ଭବିଷ୍ୟତରେ ବ୍ୟବହାର କରିପାରିବେ । ଏଇ ପଇସାକୁ ବ୍ୟାଙ୍କ କୌଣସି ଏକ ଶିଳ୍ପପତିକୁ ଋଣଦେଇ ବ୍ୟବସାୟ ବୃଦ୍ଧିରେ ବିନିଯୋଗ କରିବା ପାଇଁ ବ୍ୟବହାର କରିପାରିବ । ପୁଞ୍ଜି ଗଠନ ହୁଏ ସେତେବେଳେ ଯେତେବେଳେ ଆମେ ବର୍ତ୍ତମାନ ଉପଭୋଗରୁ ନିବୃତ୍ତ ରହିବା । ଏଠାରେ କିନ୍ତୁ ମନେ ରଖିବାକୁ ହେବ ସଞ୍ଚୟ ଯଦି ସ୍ଥିର ରହିଲା ବ୍ୟବହାର ନହେଲା ତାହାହେଲେ ପୁଞ୍ଜିଗଠନ ହୋଇପାରିବନାହିଁ । ଯଦି ଜଣେ ବ୍ୟକ୍ତି ପଇସା ସଞ୍ଚୟ କରନ୍ତି କିନ୍ତୁ ତାଲା କୋଲପ ଦେଇ ଘରେ ରଖନ୍ତି ତାହାହେଲେ ପୁଞ୍ଜିଗଠନ ହୋଇପାରେନି । କିନ୍ତୁ ସେ ସଞ୍ଚିତ ଅର୍ଥ ଯଦି ପୁଞ୍ଜିଗଠନରେ ବିନିଯୋଗ ହେଲା ତାହାହେଲେ, ତାହା ପୁଞ୍ଜିଗଠନରେ ସହାୟକ ହେଲା ବୋଲି ବୁଝିବାକୁ ହେବ କାରଣ ଏହା ଉତ୍ପାଦନ ଓ ଉପଭୋଗକୁ ଭବିଷ୍ୟତରେ ସୁଗମ କରେ । ଏଣୁ ବର୍ତ୍ତମାନର ଉପଭୋଗକୁ ବାଦଦେଇ ତାହାକୁ ପୁଞ୍ଜି ବୃଦ୍ଧିରେ ଯଥା କାରଖାନା, କଳ, କୋଠାବାଡି ଆଦିରେ ପ୍ରତିବର୍ଷ ଲଗାଇଲେ ଭବିଷ୍ୟତ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ । ଏଇ ପୁଞ୍ଜି ଭଣ୍ଡାରର ବାର୍ଷିକ ଅଭିବୃଦ୍ଧିକୁ ପୁଞ୍ଜିଗଠନ ବା ନିବେଶ/ବିନିଯୋଗ ବୋଲି କୁହାଯାଏ । ଠିକ୍ ସେହିପରି ଗୋଟିଏ ରାଷ୍ଟ୍ରର କିଛି ଅଂଶ ଉତ୍ପାଦନ ତତ୍କ୍ଷଣାତ୍ ଖାଉଟିଙ୍କ ଅଭାବ ପୂରଣପାଇଁ ନଲାଗି କଳକାରଖାନା, ଯନ୍ତ୍ରପାତିର ବ୍ୟବସ୍ଥାପାଇଁ ନିୟୋଜିତ ହୁଏ । ଯାହାଫଳରେ ଉତ୍ପାଦନ ବୃଦ୍ଧିପାଏ ଏବଂ ଧରି ରଖିହୁଏ । ମୋଟା ମୋଟି କହିଲେ ଯାହା ଉତ୍ପାଦିତ ହୁଏ ତାହା ଉପଭୋଗ ହୁଏ ବା ପୁଞ୍ଜିଗଠନରେ ଲାଗେ ଅବା ଉଭୟରେ ବ୍ୟବହାର ହୁଏ ।

ଉତ୍ପାଦନ, ଉପଭୋଗ ଏବଂ ପୁଞ୍ଜିଗଠନ ଏଇ ତିନୋଟି ପ୍ରକ୍ରିୟା ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡିତ । ଦ୍ରବ୍ୟ ଓ ସେବାର ଉତ୍ପାଦନରେ ବୃଦ୍ଧି ଉପଭୋଗ ଓ ପୁଞ୍ଜିଗଠନର ସ୍ତରରେ ବୃଦ୍ଧି ଆଣେ । ଉପଭୋଗ ବୃଦ୍ଧିପାଇଲେ ଜନସାଧାରଣଙ୍କ ଜୀବନଧାରଣର ମାନରେ ବୃଦ୍ଧିର ସୂଚନା ଦିଏ ଏବଂ ପୁଞ୍ଜିଗଠନରେ ବୃଦ୍ଧି ଆହୁରି ଗୁରୁତ୍ୱପୂର୍ଣ୍ଣ, କାରଣ ଗୋଟିଏ ରାଷ୍ଟ୍ରର ଉନ୍ନତି ତା ଉପରେ ନିର୍ଭରଶୀଳ । ଅଧିକା ଉପଭୋଗ ସମ୍ଭବ ଯଦି ଅଧିକା ଉତ୍ପାଦନ ହେବ ଏବଂ ଅଧିକା ଉତ୍ପାଦନ ସମ୍ଭବ ଯଦି ସେଠାରେ ଅଧିକା ପୁଞ୍ଜିଗଠନ ହେଉଥାଏ । ତା ହେଲେ ଏହି ତିନୋଟି ଅର୍ଥନୈତିକ କାର୍ଯ୍ୟକଳାପର ପ୍ରତ୍ୟେକ ଉପରେ ପ୍ରଭାବ ଅଛି ଯାହାକି ଅର୍ଥନୀତିକୁ ଉନ୍ନତିର ପଥରେ ଆଗେଇନିଏ ।




ଉତ୍ପାଦନର ଚକ୍ରୀୟ ପ୍ରବାହ

## ପାଠ୍ୟ ପ୍ରଶ୍ନାବଳୀ ୬.୩

୧. ଦୀର୍ଘସ୍ଥାୟୀ ଓ କ୍ଷଣସ୍ଥାୟୀ ଦ୍ରବ୍ୟ ଓ ସେବାର ଦୁଇଟିକରି ଉଦାହରଣ ଦିଅ ।

୨. ଗୋଟିଏ ବର୍ଷରେ ଯଦି ଉତ୍ପାଦନ ଉପଭୋଗଠାରୁ ଅଧିକା ହୁଏ । ତେବେ ଏହା କୁଆଡେ ଯାଏ ?

୩. ଉତ୍ପାଦନ କିପରି ଉପଭୋଗ ଓ ପୁଞ୍ଜିଗଠନରେ ସହାୟକ ହୁଏ ଉଲ୍ଲେଖ କର ?

## ତୁମେ କ'ଣ ଶିଖିଲ ?

- ଉତ୍ପାଦନ, ଉପଭୋଗ ଓ ପୁଞ୍ଜିଗଠନ ତିନୋଟି ମୌଳିକ ଅର୍ଥନୈତିକ କାର୍ଯ୍ୟକଳାପ ।
- ଉତ୍ପାଦନ କହିଲେ ଉପଯେଗିତା ସୃଷ୍ଟିକୁ ବୁଝାଏ ।
- ଭୂମି, ଶ୍ରମ, ପୁଞ୍ଜି ଓ ସଂଗଠନ ହେଉଛନ୍ତି ଉତ୍ପାଦନର ଚାରୋଟି ଉପାଦାନ ।
- ମଜୁରୀ, ସୁଧ, ଅଧିଶେଷ ଓ ଲାଭ ଏ ସବୁ ହେଉଛି ଉପାଦାନର ଦେୟ ଯାହାକୁ ସଂସ୍ଥା ଉପାଦାନର ମାଲିକଙ୍କୁ ଦେବାକୁ ପଡିଥାଏ । ଉପାଦାନ ସେବା ଯୋଗାଉଥିବା ମାଲିକମାନଙ୍କ ପାଇଁ ଏହା ଉପାଦାନର ଅର୍ଜନରୂପେ ଗ୍ରହଣ କରାଯାଏ ।
- ଉପଭୋଗ କହିଲେ ଦ୍ରବ୍ୟ ଓ ସେବାରର ବ୍ୟକ୍ତି ବା ସାମୁହିକ ଅଭାବ ପୁରଣପାଇଁ ହେଉଥିବା ସିଧାସଳଖ ବା ପ୍ରତ୍ୟକ୍ଷ ବ୍ୟବହାର ।
- ପୁଞ୍ଜିଗଠନ କହିଲେ ଏକ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଉପଭୋଗ ପରେ ବଞ୍ଚିଥିବା ଉତ୍ପାଦନର ଉଦ୍‌ବୃତ୍ତକୁ ବୁଝାଏ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଚାଷ ଉପଯୋଗୀ ଜମି ବା କୃଷିଜମି ଏକ ସ୍ଥିର ସଂପଦ । କିପରି ଏହାର ଉତ୍ପାଦିକା ବୃଦ୍ଧି କରାଯାଇପାରିବ ।

୨. ଶ୍ରମର ଉତ୍ପାଦିକା କ୍ଷମତା କିପରି ବୃଦ୍ଧିକରାଯାଇପାରିବ ?

୩. ଜଣେ ଉଦ୍ୟୋଗୀ ବା ସଂଗଠକର ମୁଖ୍ୟ କାର୍ଯ୍ୟଗୁଡିକ କଅଣ ?

୪. ପୁଞ୍ଜି କିପରି ଶ୍ରମର ଉତ୍ପାଦିକାରେ ସହାୟକ ହୁଏ ?

୫. ଯଦି କୌଣସି ବର୍ଷ ଉତ୍ପାଦନର ଉଦ୍‌ବୃତ୍ତ (ବଳକା) ଉପଭୋଗ ପରେ ଉପୁଜେ ତାହାହେଲେ ତାହା କୁଆଡେ ଯାଏ । ଗୋଟିଏ ଅର୍ଥନୀତିରେ ପୁଞ୍ଜିଗଠନରେ ସହାୟକ ହେଉଥିବା ଦୁଇଟି ଦ୍ରବ୍ୟର ଉଦାହରଣ ମଧ୍ୟ ଦିଅ ।

୬. ତିନୋଟି ମୁଖ୍ୟ ମୌଳିକ ଅର୍ଥନୈତିକ କାର୍ଯ୍ୟକଳାପ ସମ୍ବନ୍ଧରେ ଉଲ୍ଲେଖ କର ଏବଂ ସେମାନଙ୍କର ପରସ୍ପର ମଧ୍ୟରେ ଥିବା ସଂପର୍କକୁ ଚିତ୍ର ଅଙ୍କନ ମାଧ୍ୟମରେ ଦର୍ଶାଅ ।

୭. ଜଣେ ଗୃହସ୍ଥ ଗୋଟିଏ ସାଇକେଲ କିଣିବ ।

(କ) ପୁଞ୍ଜିଗଠନ　　(ଖ) ଉପଭୋଗ

(ଗ) ଗୃହସ୍ଥିର ଉତ୍ପାଦନ　　(ଘ) ନିଜ ଉପଭୋଗ ପାଇଁ ଉତ୍ପାଦନ ।

୮. ଏଥିମଧ୍ୟରୁ କେଉଁଟି ଠିକ୍ ଓ ଭୁଲ ଦର୍ଶାଅ

(କ) ପୁଞ୍ଜିଗଠନ ଦେଶର ପୁଞ୍ଜି ବୃଦ୍ଧିରେ ସହାୟକ ହୋଇଥାଏ ।

(ଖ) ଘର ଅଗଣାରେ ବା ରୋଷେଇ ବଗିଚାରେ ପନିପରିବା ଉତ୍ପାଦନ କରିବା ଉତ୍ପାଦନର ଏକ ଅଂଶ ନୁହେଁ ।

(ଗ) ଜଣେ କୃଷକ ନିଜ ଉପଭୋଗ ପାଇଁ ଉତ୍ପାଦନ କରୁଥିବା ଗହମ ଉତ୍ପାଦନର ଅଂଶବିଶେଷ ।

(ଘ) ଜଣେ ଶିକ୍ଷକଙ୍କ ବିଦ୍ୟାଳୟରେ ଶିକ୍ଷାଦାନକୁ ଉତ୍ପାଦନ କୁହାଯିବ ।

(ଙ) ଜଣ ଛାତ୍ର ଷ୍ଟେସନାରୀ ବ୍ୟବହାର କରିବା ଉତ୍ପାଦନର ଅଂଶ ।

(ଚ) ଏକ ପରିବାରର ସମସ୍ୟମାନେ ନିଜ ଜମିରେ କୂଅ ଖୋଳିବା ପୁଞ୍ଜିଗଠନର ଏକ ଅଂଶ ।

(ଛ) ଗୋଟିଏ ଟ୍ରକ ଗୋଟିଏ ଗ୍ରାମରୁ ନିକଟବର୍ତ୍ତୀ ଏକ ବଜାରକୁ ଗହମ ବୋହିନେବା ଉତ୍ପାଦନର ଏକ ଅଂଶବିଶେଷ ।

୯. ଶୂନ୍ୟସ୍ଥାନ ପୂରଣ କର ।

(କ) ସରକାରଙ୍କ ଦ୍ୱାରା ରାସ୍ତା ନିର୍ମାଣ ______________ (ଉତ୍ପାଦନ / ଉପଭୋଗ)

(ଖ) କୃଷକ ଗୋଟିଏ ଟ୍ରାକ୍ଟର କ୍ରୟ କରିବ ______________ (ଉତ୍ପାଦନ / ଉପଭୋଗ)

(ଗ) ଜଣେ ବ୍ୟକ୍ତିଦ୍ୱାରା ନୂଆ ଘରଟିଏ ଖର୍ଦି କରିବା ____________ (ଉପଭୋଗ/ ଉତ୍ପାଦନ)

(ଘ) ଜଣେ ଡାକ୍ତରଙ୍କ ରୋଗୀ ଦେଖିବା ____________ ( ଉତ୍ପାଦନ / ଉପଭୋଗ)

(ଙ) ଛାତ୍ରଟିଏ ସ୍କୁଲରେ ପାଠପଢ଼ିବା ____________ ( ଉତ୍ପାଦନ /ଉପଭୋଗ)

## ପାଠ୍ୟପ୍ରଶ୍ନାବଳୀର ଉତ୍ତର

### ୬.୧

୧. ପ୍ରକୃତିଗତ ସମ୍ବଳ - କାରଖାନା ପାଇଁ ଭୂମି

ମାନବ ସମ୍ବଳ - ଦରଜୀ, ବିପଣନ, ପରିଚାଳକ, ବିଜ୍ଞାପନ ପରିଚାଳକ ଆଦି

ସ୍ଥିର ପୁଞ୍ଜି - ଯନ୍ତ୍ରପାତି, କାଠ ଦରଜା, କୋଠାବାଡି, ସିଲେଇମେସିନ୍, ଟେଲିଫୋନ, ପ୍ୟାକେଟ ପ୍ରସ୍ତୁତ କରୁଥିବା ମେସିନ ଏବଂ କତୁରୀ ।

କାର୍ଯ୍ୟକାରୀ ପୁଞ୍ଜି - ସୂତା, ରଙ୍ଗ, ବୋତାମ, ବ୍ୟାଙ୍କରଣ, ନଗଦ ମୁଦ୍ରା ।

୨. (କ)

### ୬.୩

୧. ଦୀର୍ଘସ୍ଥାୟୀ ଦ୍ରବ୍ୟ - ଟେଲିଭିଜନ, ରେଫ୍ରିଜେରେଟର, ଓ୍ୱାଶିଙ୍ଗମେସିନ ଆଦି

କ୍ଷଣସ୍ଥାୟୀ ଦ୍ରବ୍ୟ - ରୁଟି, ଲହୁଣୀ, କ୍ଷୀର, ଅଟା ଆଦି

ସେବା - ବାରିକର ସେବା, ଶିକ୍ଷକଙ୍କ ସେବା, ଡାକ୍ତରଙ୍କ ସେବା

୨. ଏହା ପୁଞ୍ଜି ଗଠନକୁ ଯାଏ ।

୩. ଦ୍ରବ୍ୟ ସେବାର ବୃଦ୍ଧି ଉପଭୋଗ ଓ ପୁଞ୍ଜି ଗଠନର ସ୍ତରରେ ବୃଦ୍ଧି ଆଣିଥାଏ । ଅଧିକା ଉପଭୋଗ ସମ୍ଭବ ଯେତେବେଳେ ଅଧିକା ଉତ୍ପାଦନ ହୁଏ ଏବଂ ଅଧିକା ପୁଞ୍ଜିଗଠନ ସମ୍ଭବ ଯେତେବେଳେ ଉତ୍ପାଦନ ଉପଭୋଗ ଠାରୁ ଅଧିକା ।